


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୬ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 MARCH 2025

Vol.No. 36 ■ No.62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ମେୟର-ବିଧାୟକ କଥା କଟାକଟି

ଭୁବନେଶ୍ୱର, ୦୫/୩ (ନି.ପ୍ର): ମେୟର ସୁଲୋଚନା ଦାସ ଓ ଏକାମ୍ର ବିଧାୟକ ବାବୁ ସିଂ କଥା କଟାକଟି। ସୁଭଦ୍ରାକୁ ନେଇ କଟାକ୍ଷ କଲେ ସୁଲୋଚନା। ୫ ହଜାର ଟଙ୍କାରେ ମହିଳା କିଭଳି ସଶକ୍ତ ହେବ ? କେତେ ମହିଳା ସଶକ୍ତ ହୋଇଛନ୍ତି ? ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଉଛନ୍ତି ମହିଳା। କିଭଳି ସଶକ୍ତ ଜଣେ ହେବ । ଏକଥା ଗଣମାଧ୍ୟମ ଯାଇ ମହିଳାଙ୍କୁ ପଚାରିଲେ ସେମାନେ କହିପାରିବେ ବୋଲି ସୁଲୋଚନା ଦାସ କହିଛନ୍ତି । ଅନ୍ୟପଟେ ଏ ପ୍ରସଙ୍ଗରେ ଏକାମ୍ର ବିଧାୟକ ବାବୁ ସିଂ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ୨୪ ବର୍ଷରେ ଯାହା କରିନଥିଲେ ତାହା ଆମେ କରିଛୁ। ଭୋଟ ବ୍ୟାଙ୍କ ହାତରୁ ଚାଲିଯାଉଛି ବୋଲି ଭୟ କରୁଛନ୍ତି। ସେ କଥାରୁ ଦୂରେଇ ରୁହନ୍ତୁ ମେୟର। ବିଗତ ସରକାର ଯଦି ଚାହୁଁଥିବେ ମାଆ ମାନଙ୍କୁ ବ୍ରେକ ଦେବେ କିନ୍ତୁ ସେମାନେ ପାରିବେ ନାହିଁ । ଆମେ ଏହାକୁ ନେଇ ବିତର୍କ କରିବା ନାହିଁ। ବରମୁଣ୍ଡାରେ ୫ ଜଣ ମହିଳା ଏକାଠି ହୋଇ ଟେଣ୍ଟ ହାଉସ କରିଛନ୍ତି। ଏହା ବଡ ଉପଲବ୍ଧି ବୋଲି ବାବୁ ସିଂ କହିଛନ୍ତି ।

# ଟ୍ରମ୍ପଙ୍କ ବଡ଼ ଘୋଷଣା: ଏପ୍ରିଲ ୨ରୁ ଭାରତ ଏବଂ ଚୀନ୍ ବିରୋଧରେ ଲାଗୁ ହେବ ପାରସ୍ପରିକ ଶୁଳ୍କ

**ଚୀନର ନାଲିଆଖି : ବେଜିଂର ପ୍ରତିକ୍ରିୟା, ଟାରିଫ୍, ଟ୍ରେଡ ସବୁ ପ୍ରକାର ଯୁଦ୍ଧ ପାଇଁ ଚୀନ ପ୍ରସ୍ତୁତ**



ନୂଆଦିଲ୍ଲୀ ୦୫/୦୩: ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ରାଷ୍ଟ୍ରପତି ଭାବରେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ସେ ପ୍ରଥମ ଥର ପାଇଁ ସଂସଦକୁ ସମ୍ବୋଧିତ କରୁଛନ୍ତି। ଏହି ସମୟ ମଧ୍ୟରେ, ସେ ଶୁଳ୍କ ଯୁଦ୍ଧଠାରୁ ଆରମ୍ଭ କରି ୟୁକ୍ରେନ ସହିତ ଖଣିଜ ସମ୍ପତ୍ତି ଚୁକ୍ତି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବଡ଼ ଘୋଷଣା କରିପାରନ୍ତି। ଟ୍ରମ୍ପ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭସ୍ ଚାମ୍ବରରୁ ହାଉସକୁ ସମ୍ବୋଧିତ କରିଛନ୍ତି । ପୂର୍ବରୁ ସେ ୨୦୧୭ରେ ଗୃହକୁ ସମ୍ବୋଧିତ କରିଥିଲେ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଗୃହ ଅଭିଭାଷଣ ବହୁତ ବଡ଼ ହେବ । ଏହି ଭାଷଣର ବିଷୟବସ୍ତୁ ହେଉଛି ଆମେରିକୀୟ ସ୍ୱପ୍ନର ନବୀକରଣ। ଟ୍ରମ୍ପ କହିଥିଲେ ଯେ ଏହା ବଡ଼ ସ୍ୱପ୍ନ ଏବଂ ସାହସିକ ନିଷ୍ପତ୍ତି ନେବାର ସମୟ । କିନ୍ତୁ ଏବେ ଆମର ଲକ୍ଷ୍ୟ ହେଉଛି ଆମେରିକାକୁ ପୁଣି ସୁଲଭ କରିବା। ଏବେ ଆମ ଦେଶ ଜାଗ୍ରତ ରହିବ ନାହିଁ। ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ କାନାଡା, ମେକ୍ସିକୋ, ଭାରତ ଏବଂ ଦକ୍ଷିଣ କୋରିଆ ଅନେକ ଶୁଳ୍କ ଲଗାନ୍ତି । ଆମେ ଏପ୍ରିଲ ୨ ତାରିଖରୁ କାନାଡା, ମେକ୍ସିକୋ, ଚୀନ୍ ଏବଂ ଭାରତ ଉପରେ ପାରସ୍ପରିକ ଟିକସ ଲାଗୁ କରିବୁ। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମଠାରୁ ଆଦାୟ କରାଯାଇଥିବା ଟଙ୍କା ଫେରିପାଇ ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରାଯିବ । ମୁଁ ଏବେ ବି ବାଇଡେନଙ୍କ ବିଫଳ ନୀତିଗୁଡ଼ିକୁ ସଜାଡ଼ିବା ପାଇଁ ଚେଷ୍ଟା କରୁଛି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାଷଣ ସମୟରେ ଡେମୋକ୍ରାଟିକ୍ ସାଂସଦ ଆଲ୍ ଗ୍ରୀନ୍ ଙ୍କୁ ସଂସଦରୁ ବାହାରକୁ ଯିବାର ରାସ୍ତା ଦେଖାଯାଇଥିଲା। ଟ୍ରମ୍ପ ଆହୁରି କହିଥିଲେ କି, ଏବେ

▶▶ପୃଷ୍ଠା ୭

## ଗେରୁଆ ରଙ୍ଗ ହେବ ସରକାରୀ ସ୍କୁଲ: ଏନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୫/୩ (ନି.ପ୍ର): ବଦଳିବ ସରକାରୀ ସ୍କୁଲ କୋଠାର ରଙ୍ଗ । ଗେରୁଆ ରଙ୍ଗ ହେବ ସମସ୍ତ ସରକାରୀ ସ୍କୁଲ । ସମସ୍ତ ସରକାରୀ ସ୍କୁଲ୍ ରଙ୍ଗ ସମାନ କରିବାକୁ ନିର୍ଦ୍ଦେଶ । ଏନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲା ଡଝରଚଇ । ସ୍କୁଲ୍ ନିର୍ମାଣ, ମରାମତି ବେଳେ ରଙ୍ଗ ସମାନ କରିବାକୁ ନିର୍ଦ୍ଦେଶ । ବିଜେଡି ସରକାର ସମୟରେ ସ୍କୁଲ ରଙ୍ଗ ସବୁଜ ଥିଲା । କିଛିଦିନତଳେ ସରକାରୀ କୋଠାର ରଙ୍ଗ ବଦଳାଇ ଥିଲେ ସରକାର । କୋଠାର ବାହ୍ୟ କାନ୍ଥ କମଳା ରଙ୍ଗର ହେବ । ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଏନେଇ ନିର୍ଦ୍ଦେଶନାମା ଜାରି କରିଥିଲେ । ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପକ୍ଷରୁ ଇଂଜିନିୟର ଇନ ଚିଫଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଯାଇଥିଲା ଯେ ନୂଆ ସରକାରୀ କୋଠା ବା ପୁରୁଣା କୋଠାର ରଙ୍ଗ ପରିବର୍ତ୍ତନ ହେବ । ଚିଠିରେ ଲେଖାଯାଇଥିଲା ଯେ ବିଲ୍ଡିଂ କାର୍ଯ୍ୟକ୍ଷମ ଥିଲେ ମରାମତି କିମ୍ବା ନବୀକରଣ ବେଳେ ରଙ୍ଗ ବଦଳିବ । ବାହାର କାନ୍ଥ କମଳା ରଙ୍ଗର ହେବାକୁ ଥିବାବେଳେ ବର୍ଡ଼ରରେ ନାଲି ରଙ୍ଗ ଦିଆଯିବ । ଉଲ୍ଲେଖ ଥାଉ କି ଏହା ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ବଦଳିବ ବୋଲି କୁହାଯାଇଥିଲା । ଗୋଟିଏ ବର୍ଷ ପରେ ରଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ୨୦୨୩-୨୪ ଶିକ୍ଷାବର୍ଷରେ ବିଜେଡି ସରକାର ସମୟରେ ଛାତ୍ରଛାତ୍ରୀଙ୍କ ୟୁନିଫର୍ମର ରଙ୍ଗ 'ହଣ୍ଟର ଗ୍ରିନ୍' କରାଯାଇଥିଲା। ଏବେ ତାହାକୁ ବଦଳାଯାଇ ବାଦାମି ରଙ୍ଗର ଗାରପକା ସାର୍ଟ ଓ ଖଇରିଆ ରଙ୍ଗର ପ୍ୟାଣ୍ଟ ରଖିବାକୁ ନିଷ୍ପତ୍ତି ହୋଇଥିଲା ।

## ୟୁପିର ଚିତ୍ରକୂଟରେ ସଡକ ଦୁର୍ଘଟଣା: ୪ ମୃତ

ଚିତ୍ରକୁଟ, ୦୫/୩ ଉତ୍ତରପ୍ରଦେଶର ଚିତ୍ରକୁଟ ଜିଲ୍ଲାରେ ଝାନ୍ସି-ମିର୍ଜାପୁର ହାଇୱେର ଶିବରାମପୁର କସ୍ବେ ନିକଟରେ ପିକଅପକୁ ଅଜଣା ଗାଡି ଧକ୍କା ଦେଇଛି।ଏହି ଦୁର୍ଘଟଣାରେ ପିକଅପରେ ଯାତ୍ରା କରୁଥିବା ଚାରିଜଣ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଛଅଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଶିବରାମପୁରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୁଚନା ପାଇ ଆହତମାନଙ୍କ ଉନ୍ନତ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ପୋଲିସ ଅଧୀକ୍ଷକ ଅରୁଣ କୁମାର ସିଂହ କହିଛନ୍ତି ଯେ ଏହି ଘଟଣା ବରୁଆ ନଦୀ ବ୍ରିଜ ନିକଟରେ ବୁଧବାର ସକାଳ_ାୟ ପାଞ୍ଚଟା ସମୟରେ ଘଟିଛି।ପିକଅ ଯାତ୍ରୀଙ୍କୁ ନେଇ ପ୍ରୟାଗରାଜରୁ ବାନ୍ଦ୍ରା ଜିଲ୍ଲାର କାଳିଞ୍ଜର ଅଭିମୁଖେ ଯାଉଥିଲା। ହାଇୱେରେ ଓଭର ଟେକକରିବା ସମୟରେ କୌଣସି ଅଜଣା ଗାଡି ପିକଅପକୁ ଧକ୍କା ଦେଇ ଓଲଟିପଡିଥିଲା। ସେଠାରେ ଯାଉଥିବା ମୋଟର ଚାଳକମାନେ ପୋଲିସକୁ ଘଟଣା ସମ୍ପର୍କରେ ସୁଚନା ଦେଇଥିଲେ।ଘଟଣାସ୍ଥଳରେ ପୋଲିସ ପହଁଞ୍ଚି ଆହତଙ୍କୁ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଶିବରାମପୁରରେ ଭର୍ତ୍ତୀ କରିଥିଲେ।

## ସୁଭଦ୍ରାର ପଞ୍ଚମ ପର୍ଯ୍ୟାୟ ୮ରେ ମିଳିବ ଦ୍ୱିତୀୟ କିସ୍ତି: ବଞ୍ଚିତ ମହିଳାଙ୍କୁ ଖୋଜିବାକୁ ହେବ ଡୋର ଟୁ ଡୋର ସର୍ଭେ



ଭୁବନେଶ୍ୱର, ୦୫/୩ (ନି.ପ୍ର): ଆସନ୍ତାକାଲି ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ, ଆଉ ଦିନକ ପରେ ୮ ତାରିଖରେ ମିଳିବ ଦ୍ୱିତୀୟ କିସ୍ତି। ମାର୍ଚ୍ଚ ୩୧ରେ ଆବେଦନ ଗ୍ରହଣ ବନ୍ଦ କରି ସୁଭଦ୍ରାରୁ ବଞ୍ଚିତ ହୋଇଥିବା ମହିଳାଙ୍କୁ ଖୋଜିବାକୁ ସର୍ଭେ କରିବେ ସରକାର। ଡୋର୍ ଟୁ ଡୋର୍ ବୁଲି ହିତାଧିକାରୀଙ୍କ ସର୍ଭେ କରାଯିବ। ପଞ୍ଚମ ପର୍ଯ୍ୟାୟ ପରେ ବି ରାକ୍ଷୀ ପୂର୍ଣ୍ଣିମାରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଏକା ବେଳେ ୩ଟି କିସ୍ତି। ଆସନ୍ତାକାଲି ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ, ଆଉ ଦିନକ ପରେ ୮ ତାରିଖରେ ମିଳିବ ଦ୍ୱିତୀୟ କିସ୍ତି। ମାର୍ଚ୍ଚ ୩୧ରେ ଆବେଦନ ଗ୍ରହଣ ବନ୍ଦ କରି ସୁଭଦ୍ରାରୁ ବଞ୍ଚିତ ହୋଇଥିବା ମହିଳାଙ୍କୁ ଖୋଜିବାକୁ ସର୍ଭେ କରିବେ ସରକାର। ଡୋର୍ ଟୁ ଡୋର୍ ବୁଲି ହିତାଧିକାରୀଙ୍କ ସର୍ଭେ କରାଯିବ। ପଞ୍ଚମ ପର୍ଯ୍ୟାୟ ପରେ ବି ରାକ୍ଷୀ ପୂର୍ଣ୍ଣିମାରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଏକା ବେଳେ ୩ଟି କିସ୍ତି।

▶▶ପୃଷ୍ଠା ୭

## କିମ୍ସ, ହାଇଟେକ୍ ଓ ସମ୍‌ରେ ଇଡି ମାରାଥନ୍ ରେଡ୍: ମେଡିକାଲ୍ ଆଡମିଶନରେ ଏନଆରଆଇ କୋଟା ସ୍କାମ୍




ଭୁବନେଶ୍ୱର, ୦୫/୩ (ନି.ପ୍ର): କିମ୍ସ, ହାଇଟେକ୍, ସମ୍ ଭଳି ରାଜ୍ୟର ତିନିଟି ପ୍ରତିଷ୍ଠିତ ବେସରକାରୀ ମେଡିକାଲ୍ କଲେଜରେ ଇଡି ରେଡ୍। କୁହାଯାଉଛି, ମେଡିକାଲ୍ ସିଟ୍ ଆଡମିଶନରେ ନନ୍ ରେସିଡେଣ୍ଟ ଇଣ୍ଡିଆନ୍ ବା ଏନ୍‌ଆରଆଇ କୋଟା ସ୍କାମରେ ଏହି ରେଡ୍ ଚାଲିଛି। କୋଲକାତା ଇଡିର ୮ଟି ଟିମ୍ ରାଉରକେଲା ସହ ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ୍ ଓ ଭୁବନେଶ୍ୱରେ କିମ୍ସ ଓ ସମ୍ ହସ୍ପିଟାଲରେ ଏହି ଯାଞ୍ଚ କରୁଛି। ପୂର୍ବରୁ ଏଭଳି କେଲେଙ୍କାରୀରେ ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ଗିରଫ ହୋଇଥିଲା ବେଳେ ଓଡ଼ିଶାରେ ଇଡିର ଏ ରେଡ୍ ଚର୍ଚ୍ଚା ସୃଷ୍ଟି କରିଛି। ଓଡ଼ିଶାରେ ହୋଇଛି କି ମେଡିକାଲ୍ ଆଡମିଶନରେ ଘଜଓ କୋଟା ସ୍କାମ୍ ପଶ୍ଚିମବଙ୍ଗ ଘଜଓ କୋଟା କେଲେଙ୍କାରୀର ଅଛି କି ଓଡ଼ିଶା ଲିଙ୍କ୍ ? ଜାଲ୍ ଘଜଓ କାଗଜପତ୍ର ବଳରେ ସିଟ୍ ବ୍ଲକିଂ ପରେ ବେପାର କରୁଛନ୍ତି କି ପ୍ରାଇଭେଟ୍

▶▶ପୃଷ୍ଠା ୭

## ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୫/୩ (ନି.ପ୍ର): ବିଜୁ ବାବୁଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ନିର୍ମାତା ବିଜୁ ବାବୁ। ସେ ଓଡ଼ିଶାର ପୁର୍ନଗଠନ କରିଥିଲେ, ଓଡ଼ିଶାର ଶିଳ୍ପନୀତିକୁ ବିଜୁ ବାବୁ ବହୁତ ଆଗକୁ ନେଇଥିଲେ। ଜଣେ ବରପୁତ୍ର ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହିସାବରେ ତାଙ୍କ ଅବଦାନ ଅତୁଳନୀୟ। ଏହି ଅବସରରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ଏହି କାର୍ଯ୍ୟକ୍ରମକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଆସିବାର ଥିଲା । ଆମେ ଆମର ଅସ୍ମିତାକୁ ଭୁଲିଯାଉଛେ । ମନ୍ତ୍ରୀ ରବିନାରାୟଣ ନାୟକ ଆହୁରି କହିଛନ୍ତି, ବିଜେଡି ମନରେ ପାପ ଅଛି। ଏ ସରକାର ଥିବା ଯାଏ ଆମେ ମହାପୁରୁଷଙ୍କୁ ସମ୍ମାନ ଦେବାରେ ଅବହେଳା କରିବୁ ନାହିଁ। ଲୋକେ ବିଜେଡି ପ୍ରତି ବିତସ୍ପୃହ, କିନ୍ତୁ ବିଜୁ ବାବୁଙ୍କ ପ୍ରତି ନୁହେଁ। ଏଣେ ଏହି ଅବସରରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ଏହି କାର୍ଯ୍ୟକ୍ରମକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଆସିବାର ଥିଲା । ଆମେ ଆମର ଅସ୍ମିତାକୁ ଭୁଲିଯାଉଛେ । ମନ୍ତ୍ରୀ ରବିନାରାୟଣ ନାୟକ ଆହୁରି କହିଛନ୍ତି, ବିଜେଡି ମନରେ ପାପ ଅଛି। ଓଡ଼ିଆ ଲୋକ କେବେ ବି ବିଜୁ ବାବୁଙ୍କୁ ଅସମ୍ମାନ କରିବେନି, କି କୌଣସି ରାଜନୈତିକ ଦଳ କରିବନି।

## ବିଜେପି ସରକାର ଉପରେ ବର୍ଷିଲେ ନବୀନ: 'ବିଜୁଙ୍କ ନାଁକୁ କାଟିବାକୁ ବିଜେପି ଅପଚେଷ୍ଟା କରୁଛି'



ଭୁବନେଶ୍ୱର, ୦୫/୩ (ନି.ପ୍ର): ବିଜୁଙ୍କୁ ନେଇ ବିବାଦ। ତିନି ଦିନ ପରେ ମୁହଁ ଖୋଲିଲେ ନବୀନ। ପଞ୍ଚାୟତିରାଜ ଦିବସ ପାଳନ ତାରିଖ ଘୁଞ୍ଚାଯିବା ନିଷ୍ପତ୍ତିକୁ ପ୍ରବଳ ସମାଲୋଚନା କରିଛନ୍ତି ନବୀନ। ଏପରିକି ବିଜେପି ସରକାର ବିଜୁଙ୍କ ପାଇଁ ଇତିହାସ ଲିଭାଇବାକୁ ପ୍ରୟାସ କରୁଛି ବୋଲି କହି ରାଜ୍ୟ ସରକାରକୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ବିଜେଡି ମନରେ ପାପ। ବିଜୁ ଆଦର୍ଶ ଆଉ ସେ ଦଳରେ ନାହିଁ। ଆମେ ବିଜୁଙ୍କୁ ସମ୍ମାନ ଦେବାରେ

▶▶ପୃଷ୍ଠା ୭

## ବାପା ଡିଜିପି, ଝିଅ ସ୍ମଗଲର: ବେଲ୍ଟ ଷ୍ଟ୍ରାପରେ ଲୁଚାଇଥିଲେ ୧୪ କିଲୋ ସୁନା




କର୍ଣ୍ଣାଟକ୦୫/୦୩: ପେଶାରେ ଝିଅ କନ୍ନଡ ଅଭିନେତ୍ରୀ । ବାପା ପୋଲିସ । ସେ ବି ପୁଣି ଡିଜିପି । କିନ୍ତୁ ଝିଅ କରୁଛି ସୁନା ସ୍ମଗଲିଂ । ଏମିତି ଏକ ଆଶ୍ଚର୍ଯ୍ୟଚକିତ ଘଟଣା ଦେଖିବାକୁ ମିଳିଛି କର୍ଣ୍ଣାଟକରେ । କର୍ଣ୍ଣାଟକ ପୋଲିସ ହାଉସିଂ କର୍ପୋରେସନ ଡିଜି କେ.ରାମଚନ୍ଦ୍ର ରାଓଙ୍କ ଝିଅ ରନୟା ୧୪ କେଜି ସୁନା ସହ ଧରାପଡିଛନ୍ତି । ଜଣେ ଡିଜିପିଙ୍କ ଝିଅ ସୁନା ଚୋରି କରୁଥିବାର ଆପଣ ଜାଣିଲେ । ହେଲେ ତାଙ୍କ ସୁନା ଚୋରିର ତରିକା ଶୁଣିଲେ ମୁଣ୍ଡରେ ହାତ ଦେବେ ଆପଣ । ବେଶ ଚତୁରତାର ସହ ନିଜ ବେଲ୍ଟ ଷ୍ଟ୍ରାପରେ ୧୪ କିଲୋ ସୁନାକୁ ଲୁଚାଇ ଦୁବାଇରୁ ଆଣିଥିଲେ। ହେଲେ ବେଙ୍ଗାଲୁର ଏୟାରପୋର୍ଟରେ ତାଙ୍କର ଯାଞ୍ଚ ବେଳେ ଧରାପଡିଯାଇଥିଲେ ରନୟା। ଡାଇରେକ୍ଟର ଅଫ ରେଭିନ୍ୟୁ ଇଣ୍ଟେଲିଜେନ୍ସ ଆଖିରୁ ବର୍ତ୍ତି ପାରିନଥିଲେ । ଧରାପଡିବା ପରେ ଗୋଟି ଗୋଟି ସତ ମାନିଥିଲେ ରନୟା । କେମିତି କରୁଥିଲେ ସୁନା ସ୍ମଗଲିଂ ।

▶▶ପୃଷ୍ଠା ୭

## ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ନ୍ୟୁଜିଲାଣ୍ଡ: ଭାରତ ସହ ଟାଇଟଲ୍ ମୁକାବିଲା




ଲାହୋର, ୦୫/୩ ରଚିନ ରବୀନ୍ଦ୍ର ଓ କେନ ୱିଲିୟମସନଙ୍କ ଶତକ ପରେ ବୋଲରଙ୍କ ଦମଦାର ବୋଲିଂ ବଳରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଦ୍ୱିତୀୟ ସେମି ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ୫୦ ରନରେ ହରାଇଛି ନ୍ୟୁଜିଲାଣ୍ଡ। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ଫାଇନାଲ୍‌ରେ ପ୍ରବେଶ କରିଛି। କିୱି ଦଳ ମୋଟ୍ ତୃତୀୟ ଥର ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପହଞ୍ଚିଛି। ପରାଜୟ ସହ ଦକ୍ଷିଣ ଆଫ୍ରିକାର ଚାମ୍ପିଅନ୍ସ ଟ୍ରଫି ଅଭିଯାନ ସମାପ୍ତ ହୋଇଛି। ଆଉ ପୁଣି ଥରେ ସେମିରୁ ଝୁଣ୍ଟି ଚୋକର୍ସ

▶▶ପୃଷ୍ଠା ୭

## ରତ୍ନଭଣ୍ଡାର ଚାବି ହଜିବା ଘଟଣାର ରିପୋର୍ଟ ସାର୍ବଜନୀନ ହେବ ନାହିଁ: ସରକାରଙ୍କ ସତ୍ୟପାଠ

କଟକ, ୦୫/୩ (ନି.ପ୍ର): ହାଇକୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ନୂଆ ମୋଡ଼ ଆସିଛି । ରାଜ୍ୟ ସରକାର ଏନେଇ ଏକ ସତ୍ୟପାଠ ଦାଖଲ କରିଛନ୍ତି । ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଚାବି ହଜିବା ଘଟଣାର ତଦନ୍ତ କରୁଥିବା ଜଷ୍ଟିସ ରଘୁବୀର ଦାସ କମିସନ ତଦନ୍ତ ଶେଷ ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇ ସାରିଛନ୍ତି । ଆବେଦନକାରୀ ଚାବି କାହିଁକି ହଜିଲା ଓ କେମିତି ହଜିଥିଲା ଏନେଇ ରାଜ୍ୟବାସୀ ଜାଣିବା ଦରକାର ବୋଲି ଆବେଦନରେ ଦର୍ଶାଇଥିଲେ । ସରକାର କମିସନଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ବାଧ୍ୟ ନୁହନ୍ତି ବୋଲି ସତ୍ୟପାଠରେ କୁହାଯାଇଛି । ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା,୦୪/୩ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ସେବା ନିବୃତ୍ତ ନେବାକୁ ଥିବା ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡଃ ପ୍ରଭାକର ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଷ୍ଟାଫ୍ ଆସୋସିଏସନ୍‌ର ସଭାପତି ଡଃ ରତ୍ନମଞ୍ଜରି ଦାଶ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜିତ୍ ବୋଷ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପଢୌକନ ଓ ମାନପତ୍ର ପ୍ରଦାନ କରି ଡଃ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ବକ୍ତବ୍ୟରେ କହିଥିଲେ ଡଃ ମଲ୍ଲିକଙ୍କର ସେବା ନିବୃତ୍ତ ଅନୁଷ୍ଠାନ ପାଇଁ ଏକ ବୃହତ୍ ଶୂନ୍ୟସ୍ଥାନ ସୃଷ୍ଟି କରିବ। ଯାହା ସହଜରେ ପୂରଣ କରାଯାଇ ପାରିବନାହିଁ। ଡଃ ମଲ୍ଲିକ ଏକାଧାରାରେ ଜଣେ ସଫଳ ଶିକ୍ଷକ, କର୍ତ୍ତବ୍ୟ ନିଷ୍ଠ, ସୁସଂଯୋଜକ ଓ ଦାୟିତ୍ୱବାନ୍ ବ୍ୟକ୍ତି ଥିଲେ ବୋଲି କହିବା ସଙ୍ଗେ ସଙ୍ଗେ ଶିକ୍ଷକ କେବେ ଶିକ୍ଷାଦାନରୁ ଅବସର ନେଇପାରିବେ ନାହିଁ ବୋଲି ଅଭିହିତ କରିଥିଲେ ଏବଂ ଯେଉଁ ସମୟରେ ଅନୁଷ୍ଠାନ ଡଃ ମଲ୍ଲିକଙ୍କର ସହାୟତା ଆବଶ୍ୟକ କରିବ ସେ ବିନା ଦ୍ୱିଧାରେ ସହଯୋଗ ଦେବାକୁ କୁଣ୍ଠାବୋଧ କରିବେ ନାହିଁ ବୋଲି ଆଶା ପ୍ରକାଶ କରିଥିଲେ। ଅନ୍ୟତମ ବରିଷ୍ଠ ପ୍ରାଧ୍ୟାପକ ଡଃ ଜ୍ଞାନିନ୍ଦ୍ର ଦାଶ ଏବଂ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଡଃ ମଲ୍ଲିକଙ୍କର ଶିକ୍ଷାଦାନ, ଛାତ୍ରବତ୍ସଳ ଓ କାର୍ଯ୍ୟଦକ୍ଷତାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଅବସରକାଳୀନ ଜୀବନ ସୁଖ, ଶାନ୍ତି ଓ ନିରାମୟରେ ଅତିବାହିତ ହେଉ ବୋଲି ଠାକୁରଙ୍କ ପାଖରେ କାମନା କରିଥିଲେ। ଡଃ ମଲ୍ଲିକ ତାଙ୍କ ଭାବ ବିନିମୟରେ କହିଥିଲେ ଯେ ସହକର୍ମୀମାନଙ୍କର ଶ୍ରଦ୍ଧା, ଭଲପାଇବା ଏବଂ ଶୁଭେଚ୍ଛାକୁ ସେ କେବେ ଭୁଲିପାରିବେ ନାହିଁ ଏବଂ ଅନୁଷ୍ଠାନ ପାଇଁ ସେ ଚିରକୃତଜ୍ଞ ଓ ଅନୁଷ୍ଠାର ଉନ୍ନତି ପାଇଁ ସେ ସର୍ବଦା ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବରେ ଷ୍ଟାଫ୍ ଆସୋସିଏସନର ସମ୍ପାଦକ ପ୍ରାଧ୍ୟାପକ ରଞ୍ଜିତ ଦାସ ସଭାର ଆଭିମୁଖ୍ୟ ବିଷୟରେ କହିଥିବାବେଳେ ସହ ସମ୍ପାଦକ ଅଧ୍ୟାପକ ଡଃ ଦେବକାନ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାପ୍ଟେନ୍ ସୀମା ମହାନ୍ତି ମାନପତ୍ର ପାଠ କରିଥିଲେ ଓ ଅଧ୍ୟାପିକା ୱାଇ ପଦ୍ମାବତୀ ମଂଚ ପରିଚାଳନା କରିଥିଲେ।

# ଲୁଟ ମାମଲାରେ ୨ ଗିରଫ

ଜୟପୁର,୦୪/୩ (ନି.ପ୍ର): ଲୁଟ ମାମଲାରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ଓଡିଆମେଦ୍ରିସାହିର ସୁନିଲ ପରଜା ଏଲିୟସ ଲାଲୁ (୨୫), ସୌରାଗୁଡ଼ା ରେ ରହୁଥିବା ପ୍ରବିର ହରିଜନ (୨୩) । ପୋଲିସ ସୂଚନା ଅନୁଯାଇ ଗତ ୧ ତାରିଖରେ ବିସଂପୁର ଥାନା ନକୁଳକୁଡା ଗ୍ରାମର ଯୁଧିଷ୍ଠିର ମାଳି ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ ଯେ ସେ ତାଙ୍କ ସାଙ୍ଗ ଶ୍ରୀଧର ମାଳି ସହ ମିଶି ବାଇକ ର ସର୍ଭି ସଙ୍ଗ କରିବାକୁ ଜୟପୁର ଆସିଥିଲେ । ସେମାନେ ହୋଟେଲରେ ଖାଇ ଘରକୁ ଫେରିଲା ବେଳେ ୩ ଜଣ ଦୁର୍ବୃତ୍ତ ସ୍କୁଟିରେ ଆସି ମୋବାଇଲ ଫୋନ ମାଗିଲେ । ସେ ମାନା କରିବାରୁ ସେମାନଙ୍କ ଧମକ ଦେଇ ଛୁରି ଦେଖାଇ ପକେଟରେ ଥିବା ୬ ହଜାର ଟଙ୍କା ଲୁଟର ଚମ୍ପଟ ମାରିଥିଲେ । ଏନେଇ ଯୁଧିଷ୍ଠିର ମାଳି ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତି କରି ପୋଲିସ ୭୩/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୨ ଅଭିଯୁକ୍ତ କୁ ଗିରଫ କରି ୬ ହଜାର ଟଙ୍କା ଜବତ କରିଛି । ଗିରଫ ୨ ଅଭିଯୁକ୍ତ କୁ ସଂନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି । ସୁନିଲ ପରଜା ନାମରେ ଜୟପୁର ଟାଉନ ଥାନାରେ ୪ଟି ଅପରାଧିକ ମାମଲା ରହିଛି ।

# ଚୁଡ଼ାପାଲିକୁ ବ୍ଲକ ଘୋଷଣା ଦାବି ପଂଚାୟତି ରାଜ ମନ୍ତ୍ରୀ ଓ ସାଂସଦଙ୍କୁ ଦାବିପତ୍ର

ବଲାଙ୍ଗୀର,୦୪/୩ (ନି.ପ୍ର): ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ଚୁଡ଼ାପାଲି ବ୍ଲକ ଘୋଷଣା ପାଇଁ ଚୁଡ଼ାପାଲି ବ୍ଲକ କମିଟିର ଏକ ପ୍ରତିନିଧି ଦଳ ପଂଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବଲାଙ୍ଗୀର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସାକ୍ଷାତ କରି ଚୁଡ଼ାପାଲିକୁ ବ୍ଲକ ମାନ୍ୟତା ଦାବି ଉପସ୍ଥାପନ କରିଥିଲେ। ଚୁଡାପାଲି, ବଲାଙ୍ଗୀର ଓ ପାଟଣାଗଡ଼ର ଠିକ୍ ମଝିରେ ଏସ୍ଏଚ୍ ୪୬ରେ ଅବସ୍ଥିତ। ଚୁଡାପାଲି ବ୍ଲକ ମାନ୍ୟତା ଘୋଷଣା ହେଲେ ବଲାଙ୍ଗୀର ବ୍ଲକର ୧୧ଟି ପଂଚାୟତ, ପାଟଣାଗଡ଼ ବ୍ଲକର ୨ଟି ପଂଚାୟତ, ଲୋଇସିଂହା ବ୍ଲକର ୪ଟି, ଦେଓଗାଁ ବ୍ଲକର ୨ଟି ପଂଚାୟତର ଠିକ୍ ମଧ୍ୟସ୍ଥଳି ହେବ। ଚୁଡ଼ାପାଲି ଆଦିବାସୀ ଏବଂ ଅନୁନ୍ନତ ଅଂଚଳ ଅଟେ। ଗମନାଗମନ, ହସ୍ପିଟାଲ, ସହକାରୀ କୃଷି ଅଧିକାରୀ ଚୁଡାପାଲି, ପ୍ରାଣୀ ଚିକିତ୍ସାଳୟଙ୍କ ଅଫିସ ଚୁଡାପାଲିରେ ଅବସ୍ଥିତ ଏବଂ ଅନ୍ୟାନ୍ୟ ସରକାରି ଅଫିସ ଏହି ଚୁଡ଼ାପାଲି ଠାରେ କାର୍ଯ୍ୟ କରୁଅଛି। ତେଣୁ ଚୁଡାପାଲି ବ୍ଲକ ମାନ୍ୟତା ଘୋଷଣା କରାଗଲେ ଏହି ଅଂଚଳର ଅଧିବାସୀମାନଙ୍କର ଆର୍ଥିକ ଉନ୍ନତି ସଙ୍ଗେ ସଙ୍ଗେ ସଂସ୍କୃତି ପରମ୍ପରା ଲୋକଲୋଚନକୁ ଆସିପାରିବ। ଏହି ଚୁଡାପାଲିରୁ ହଜାର ହଜାର କୃଷକ ଯାଇ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଜା ଆନ୍ଦୋଳନ ଆରମ୍ଭ କରିଥିଲେ। ସରକାରଙ୍କ ବ୍ଲକ ସମ୍ପ୍ରସାରଣ ଯୋଜନା ଅନୁସାରେ ଚୁଡ଼ାପାଲି ବ୍ଲକର ମାନ୍ୟତା ପାଇଁ ପାଇଁ ସବୁ ପ୍ରକାର ଭିତିଭୂମି ଅଛି। ଚୁଡାପାଲିରେ ଡାକଘର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ହାଇସ୍କୁଲ, କଲେଜ, ବନ ବିଭାଗର ଅଫିସ ଅଛି। ଏଥିସବୁ ଭିତିଭୂମି ବିଷୟରେ ପଂଚାୟତରାଜ ମନ୍ତ୍ରୀ ଓ ସାଂସଦ ବଲାଙ୍ଗୀର ଠାରେ ଚୁଡାପାଲି ବ୍ଲକ କମିଟି ଉପସ୍ଥାପନ କରିଥିଲେ। ଚୁଡାପାଲି ବ୍ଲକ କମିଟିମାନଙ୍କ ମଧ୍ୟରେ ନରେଶ ଅଗ୍ରୱାଲ, ଲୋକନାଥ କୁମୁରା, ଅନିଲ ଅଗ୍ରୱାଲ, ରାମେଶ୍ୱର କାନ୍ତି, ଜୟକୃଷ୍ଣ ମିଶ୍ର, ଗିରିଧାରୀ ପୁଟା, ଲବ ବାରିକ, ସୁଶିଳ କୁମାର ବେହେରା, ଅକ୍ଷୟ କୁମାର ଘିବେଲା ଉପସ୍ଥିତ ଥିଲେ।

# କେନ୍ଦୁଝରର ରେଡିଓ ଜୁହାରରେ 'ଆମ ଗୁରୁଜନ ଆମ ସ୍ୱାଭିମାନ'

କେନ୍ଦୁଝର ,୦୪/୩ (ନି.ପ୍ର): ବରିଷ୍ଠ ନାଗରିକଙ୍କ ଯତ୍ନ ଓ ସମ୍ମାନ ବୃଦ୍ଧି ରେ ରେଡିଓ ଜୁହାର ସହାୟକ ସହାୟକ ହେଉଥିବ ବେଳେ ଆରମ୍ଭ କରିଛି ଆମ ଗୁରୁଜନ ଆମ ସ୍ୱାଭିମାନ' କାର୍ଯ୍ୟକ୍ରମ।

କେନ୍ଦୁଝର ଜିଲ୍ଲାର ଲୋକପ୍ରିୟ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଜୁହାର , ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ , ଭାରତ ସରକାର ତଥା ଜାତୀୟ ଗୋଷ୍ଠୀ ବେତାର ମହାସଂଘର ମିଳିତ ଆନୁକୂଲ୍ୟ ରେ ବିଭିନ୍ନ ଗାଁ ରେ ବରିଷ୍ଠ ନାଗରିକ ମାନଙ୍କୁ ନେଇ କାର୍ଯ୍ୟକ୍ରମ ମାନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକ ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କ ନିମନ୍ତେ ଥିବା ଦେୟମୁକ୍ତ ନମ୍ବର୍ ୧୪୫୬୭ ର ଉପଯୋଗୀତା ବିଷୟରେ ଅବଗତ କରା ଯାଇଥିଲା। ରେଡିଓ ଜୁହାରରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା, ସାମାଜିକ ନ୍ୟାୟ, ସମ୍ମାନରକ୍ଷା, ଆତ୍ମସ୍ୱକ୍ଷଭିମାନ, ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟର ଯତ୍ନ, ଯୋଗ ଓ ପ୍ରାଣାୟାମ ଦ୍ୱାରା ସୁସ୍ଥ ଜୀବନ ଶୈଳୀ କୁ ଆପଣେଇବା , ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ରଘୁନାଥପୁର, ଚକ, ମଜୁରପୋଷି, ଖାଡିଆଡିହା, ବାଦୁଡ଼ିଘର, ବଡପଶି, କାଉଁରିକଳା, ଗୋବିନ୍ଦପୁର(ଉପର ସାହି, ତଳ ସାହି) ଦାଣ୍ଡିପଶି ଆଦି ଗାଁ ରେ ଥିବା ବରିଷ୍ଠ ନାଗରିକ ଓ ସେମାନଙ୍କ ପରିବାବର୍ଗଙ୍କୁ ଅଭୟ ଯୋଜନା ସମ୍ପର୍କରେ ସଚେତନ କରାଯିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ନିକଟରେ ପହଂଚାଇବା ପାଇଁ ରେଡିଓ ଜୁହାର ତରଫରୁ କରାଯାଇଥିବା ପ୍ରୟକ୍ଷସକୁ ବୁଦ୍ଧଜୀବୀ ମହଲରେ ପ୍ରଶଂସା କରା ଯାଇଥିଲା। ଆଗକୁ ଏଭଳି କାର୍ଯ୍ୟକ୍ରମ କରାଗଲେ ଲୋକମାନେ ଆହୁରି ସଚେତନ ହୋଇପାରିବେ ବୋଲି ଶ୍ରୋତାମାନେ ନିଜର ମତ ପ୍ରକାଶ କରିଥିଲେ।

# ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ : କଳସ ଶୋଭାଯାତ୍ରାରେ ଗାଁ ଦାଣ୍ଡ ପ୍ରକମ୍ପିତ

ଧର୍ମଶାଳା,୦୪/୩ (ନି.ପ୍ର): ପ୍ରଭୁ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଗାଁ ଦାଣ୍ଡ ଉତ୍ସବ ମୁଖର । ଶତାଧିକ ମହିଳାମାନଙ୍କ ଦ୍ୱାରା ଆୟୋଜିତ କଳସ ଶୋଭାଯାତ୍ରା ଏକ ଆଧାତ୍ମୀକ ପରିବେଶ ସୃଷ୍ଟି କରିଛି । ଯାଜପୁର ଜିଲା ଝାଲପଡା ପଂଚାୟତ କାକୁଡିକୁଦ-ନିଳକଣ୍ଠପୁର ଗ୍ରାମରେ ଏହି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ବହୁ ଦିନର ପ୍ରତିକ୍ଷାର ଅନ୍ତ ପରେ ଭବ୍ୟ ମନ୍ଦିର ଓ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଆଜି ଠାରୁ ଆରମ୍ଭ ହୋଇଛି । ବିଦ୍ୱାନ ପଣ୍ଡିତ ଡକ୍ତର ପ୍ରଭଞ୍ଜନ ପତିଙ୍କ ତତ୍ତ୍ୱବଧାନରେ ଏହି ପୂଜା ଶୁଭାରମ୍ଭ ହୋଇଛି । ଏହି ଅବସରରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମୁଖ୍ୟ କର୍ତା ଅଜୟ କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ମଧୁଶ୍ରୀ ସାହୁଙ୍କ ପରୋକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସୀ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ । ଶଙ୍ଖ, ଘଂଟ ଓ ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା । ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ପୂଜା କର୍ମ ଆରମ୍ଭ ହୋଇଥିଲା । ଏହି ପ୍ରତିଷ୍ଠା ଦିବସରେ ୫ ଦିନ ଧରି ବିଶ୍ୱର କଲ୍ୟାଣ ନିମନ୍ତେ ବିଶ୍ୱ ଶାନ୍ତି ମହାଯଜ୍ଞ ଚାଲୁ ରହିବ । ବିଭିନ୍ନ ଦିବସ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେବାକୁ ବୋଲି କମିଟି ପକ୍ଷରୁ ନିବେଦନ କରାଯାଇଛି । ଆଜି ପ୍ରଥମ ସନ୍ଧ୍ୟାରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଗାଁ ଦାଣ୍ଡ ଆଲୋକ ସଜ୍ଜା ବେଶ୍ ମନୋରମ ହୋଇ ଉଠିଥିବା ଦେଖିବାକୁ ମିଳିଛି ।

# ରେଡିଓ ଭାବଗ୍ରାହୀର ୪ର୍ଥ ସ୍ୱନକ୍ଷତ୍ର ଦିବସ ସମାରୋହ

କେନ୍ଦ୍ରାପଡ଼ା,୦୪/୩ (ନି.ପ୍ର): ରେଡ଼ିଓ ଭାବଗ୍ରାହୀର ୪ର୍ଥ ସ୍ୱନକ୍ଷତ୍ର ଦିବସ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ରୂପେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବରେ ଫୋରଡବାୟା ଆଶ୍ରମର ମହାନ୍ତ ବାବା ହୃଷୀକେଶ ଦାଶ ଏବଂ ସମ୍ମାନୀତ ଅତିଥି ଭାବରେ ପ୍ରଫେସର ଅଜୟ କୁମାର ରାଉତ ଯୋଗଦେଇ ରେଡ଼ିଓ ଭାବଗ୍ରାହୀ କିପରି ବହୁଜନ ହିତାୟ ବହୁଜନ ସୁଖାୟ ଉକ୍ତିକୁ ସାକାର କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଗାଇଥିଲେ। ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ସହିତ ରେଡ଼ିଓ ଭାବଗ୍ରାହୀର ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଶ୍ରୀ ପରିଡ଼ା ଅଟଳ ଭାୟୋ ଅଭ୍ୟୁଦୟ ଯୋଜନାରେ ଆମ ବରିଷ୍ଠ ଆମ ସ୍ୱାଭିମାନ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ

କେନ୍ଦ୍ରାପଡ଼ା,୦୪/୩ (ନି.ପ୍ର): ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟିର ବୈଠକ ଜିଲ୍ଲା ପରିଷଦ ସଭାଗୃହ ଠାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ, ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବିଭାଗୀୟ ବିକାଶ ମୂଳକ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ରାସ୍ତା ଏବଂ କୋଠବାଡ଼ି ବିଭାଜନ ଅଧିନସ୍ଥ ରାସ୍ତାର ପ୍ରଶସ୍ତିକରଣ ତଥା ନୂତନ ରାସ୍ତା ନିର୍ମାଣ, ଟିପିସିଓଡିଏଲ୍ ଦ୍ୱାରା ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ଟ୍ରାନ୍ସଫରମର ସ୍ଥାପନ, ପାଟକୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆମ୍ବୁଲାନ୍ସ, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନରେ ପୁରାତନ ଚିକିତ୍ସାଳୟର ପୁନଃରୁଦ୍ଧାର ଏବଂ ନୂତନ ଚିକିତ୍ସା ଗୃହ ନିର୍ମାଣ, ଆସନ୍ତା ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଯୋଗାଣ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡର ପ୍ରସ୍ତୁତି, ଗ୍ରାମ୍ୟ ଉନ୍ନୟନ, କୃଷି, ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟରତ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାର ରୂପରେଖ ଓ କାର୍ଯ୍ୟାନ୍ୱୟନ ଆଦି ସ୍ଥାନ ପାଇଥିଲା ଓ ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳର ଯୋଗାଣ ତଥା ସୁବନ୍ଦୋବସ୍ତ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ ଓ ଏତଦ୍ ବ୍ୟତୀତ ଜଳ ନିଷ୍କାସନ ନିମନ୍ତେ ବର୍ଷା ଋତୁର ଆଗମନ ପୂର୍ବରୁ ସ୍ଥାୟୀ ନାଳର ନିର୍ମାଣ ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତର ସର୍ବାଙ୍ଗୀନ ଉନ୍ନତି କିଭଳି ସରସ ସୁନ୍ଦର ହେବ ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ କାମନା କରିଥିଲେ। ସମସ୍ତ ବିକାଶ ମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ବିଧାୟକ ଆଲୋକପାତ କରିଥିବା ସମୟରେ ଏହା କିପରି ସଠିକ ସମୟ ମଧ୍ୟରେ ସମ୍ପାଦନ ହେବ ଏଥିପ୍ରତି ଧ୍ୟାନ ଦେବାପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର ଆବାହନ କରିଥିବା ସମୟରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଲିତା ଦାସ, ଡେରାବିଶ, ଗରଦପୁର ଏବଂ ମାର୍ଶାଘାଇ ବ୍ଲକ ଅଧକ୍ଷା/ଅଧକ୍ଷ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧକାରୀ ତଥା ନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଡେରାବିଶ, ବ୍ଲକ ଉନ୍ନୟନ ଅଧିକାରୀ, ଗରଦପୁର, ତହସିଲଦାର ଡେରାବିଶ, ତହସିଲଦାର ଗରଦପୁର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବ ଶେଷରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ ନଂ ରାଜପଥରେ ସିରିଜ ଦୁର୍ଘଟଣା: ଜଣେ ଗୁରୁତର

କୋରେଇ,୦୪/୩ (ନି.ପ୍ର): କୋରାଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଧନପୁର ଛକ ନିକଟରେ ସୋମବାର ବିଳମ୍ବିତ ରାତି୧ଟା ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ହାଇୱା ଚାଳକ ଗୁରୁତର ଆହତ ହୋଇଛି । ପ୍ରକାଶଯେ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ ପାଣିକୋଇଲି ମଝି ଧନପୁର ଛକ ନିକଟରେ ଏକ ଆଇଚର ଟ୍ରକର ଚାଳକ ଗାଡି ରଖି ତଳକୁ ଯାଇଥିଲା । ତାର ସମ୍ମୁଖରେ ଏକ ହାଇୱା ମଧ୍ୟ ଅଟକି ନିକଟସ୍ଥ ଦୋକାନକୁ ଯାଇଥିଲା । ଏହି ସମୟରେ ଏକ ହାଇୱା ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ଆଇଚର ଫଟରେ ପିଟିଦେଇଥିଲା । ଯାହା ଦ୍ୱାରା ହାଇୱାର ଆଗଟି ଆଇଚର ପଛରେ ଫସି ରହିଥିଲା । ଫଳରେ ଆଇଚରଟି ଆଗରେ ଥିବା ହାଇୱା ପଛରେ ପିଟି ହୋଇଥିଲା । ସିରିଜ ଦୁର୍ଘଟଣା ପରେ ଆଗରେ ଥିବା ହାଇୱାଟି ଫେରାର ହୋଇଯାଇଥିଲା । ପଛରେ ଥିବା ହାଇୱାଟି ଦୁର୍ଘଟଣା ପରେ ଚାଳକ ଗାଡିରୁ ବାହାରି ପାରିନଥିଲା । ଖବର ପାଇ ସ୍ଥାନୀୟ ଲୋକବମାନେ ସେଠାରେ ପହଂଚି ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳେ ପୁଲିସ ଓ ଯାଜପୁରରୋଡ ଦମକଳ ବାହିନୀ ପହଂଚି କଟରରେ କାଟି ଚାଳକୁ ଗୁରୁତର ଅବସ୍ଥାରେ ବାହାର କରିଥିଲେ । ହାଇୱାର ଚାଳକକୁ ଉଦ୍ଧାର କରି ଡ଼ାକ୍ତରଖାନାକୁ ପଠାଯାଇଥିଲା ।

# ଶବ ବାହକ ଗାଡି ଲୋକାର୍ପିତ

ମୁଖୀଗୁଡା,୦୪/୩ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶବ ବାହକ ଗାଡି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଜୟପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବାହକ ଗାଡି ନଥିବାରୁ କଳମପୁର ନହେଲେ କୋକସରା ଉପରେ ନିର୍ଭର କରିବାକୁ ପଡୁଥିଲା ଏବଂ ଲୋକେ ଖର୍ଚ୍ଚାନ୍ତ ହେଉଥିଲେ। ୨୦୧୪ ମସିହାରୁ କୋକସରା ଏବଂ କଳମପୁର ଡାକ୍ତରଖାନାରେ ଶେଷ ଯାତ୍ରା ଗାଡି ଥିବାବେଳେ ଜୟପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ନଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଉଥିଲା । ତେବେ ଏକ ଶବ ବାହକ ଗାଡି ମିଳିବା ପରେ ଏବେ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶବ ବାହକ ଗାଡି ନଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ମୃତ୍ୟୁ ବରଣ କଲେ ଅବା ଅଂଚଳରେ କେଉଁଠି ଦୁର୍ଘଟଣାରେ ପ୍ରାଣ ହରାଇଲେ ମୃତକଙ୍କ ପରିବାର ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବଚ୍ଛେଦ ପରେ ଲୋକେ ବହୁ ହଇରାଣ ରେ ନିଜ ସମ୍ପର୍କୀୟଙ୍କ ମୃତଦେହକୁ ଘରକୁ ନେଉଥିଲେ। ଦୀର୍ଘ ଦିନରୁ ଏକ ଶବ ବାହକ ଗାଡି ପାଇଁ ଦାବି କରୁଥିଲେ ଅଂଚଳବାସୀ। ଏ ନେଇ ବିଧାୟକ ପ୍ରଦୀପ କୁମାର ଦିଶାରୀ ତାଙ୍କ ଆଂଚଳିକ ପାଣ୍ଠିରୁ ଏକ ଶବ ବାହକ ଗାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକାର୍ପଣ କରିଛନ୍ତି। ଯାହା ଫଳରେ ଅଂଚଳର ମୃତକଙ୍କ ପରିବାର ମାନେ ସୁବିଧା ପାଇବେ ବୋଲି ଆଶା କରାଯାଉଛି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ଏବଂ 'ଲାଇନମେନ୍ ଡେ' ପାଳିତ

ସମ୍ବଲପୁର,୦୪/୩ (ନି.ପ୍ର): କର୍ମ କ୍ଷେତ୍ରରେ ନିରାପଦ ପରିବେଶ ଓ ସମସ୍ତ ପ୍ରକାର ଦୁର୍ଘଟଣା ପ୍ରସଙ୍ଗରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଲକ୍ଷ୍ୟ ନେଇ ପ୍ରତିଥର ପରି ଚଳିତ ବର୍ଷ ମଧ ମାର୍ଚ୍ଚ ୪ ତାରିଖରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଉଅଛି । ଚଳିତ ବର୍ଷ ପାଇଁ ଜାତୀୟ ସୁରକ୍ଷା ସପ୍ତାହର ପ୍ରସଙ୍ଗ ରହିଛି- ''ନିରାପତା ଏବଂ ସ୍ୱାସ୍ଥ୍ୟ- ଏକ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ' । ଏହି ସୁରକ୍ଷା ସପ୍ତାହର ଉଦଘାଟନୀ ଦିବସ ଅସବସରରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବିଦ୍ୟୁତ ଭିତିଭୂମିକୁ ସୁଦୃଢ କରିବା ଏବଂ ଅଭାବନୀୟ ବିଦ୍ୟୁତ ଦୁର୍ଘଟଣାକୁ ରୋକିବା ଲାଗି ୨୪ ଘଂଟା ନିରବଚ୍ଛିନ୍ନ ଓ ନିଃସ୍ୱାର୍ଥପର ଭାବେ କାର୍ଯ୍ୟରତ ଥିବା ବିଦ୍ୟୁତ୍ ସେବାର ବୀର ଯୋଦ୍ଧାଙ୍କ ସମ୍ମାନାର୍ଥେ 'ଲାଇନମେନ୍ ଦିବସ' ପାଳନ କରାଯାଇଅଛି। ଏନେଇ କମ୍ପାନୀର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ବିରାଟ ସମାବେଶ ଆୟୋଜନ କରାଇଅଛି। ଏହି ସଭାରେ କମ୍ପାନୀର ଅପରେସନ୍ ବିଭାଗର ମୁଖ୍ୟ ଆଶିଷ କୁମାର ପାଟ୍ଟଯୋଶୀ, ବାଣିଜ୍ୟ ବିଭାଗର ମୁଖ୍ୟ ପି.ପି ତେନ୍ଦୁଲକର, ସୁରକ୍ଷା ବିଭାଗର ମୁଖ୍ୟ ଶ୍ରୀ ଗୋପବନ୍ଧୁ ଶତପଥି, ଅର୍ଥ ବିଭାଗର ମୁଖ୍ୟ ଶ୍ରୀ ସତିଶ୍ କୁମାରଙ୍କ ସମେତ କମ୍ପାନୀରେ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ । ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଟାଟା ସମୂହ ସଂସ୍ଥାର ଏକ ଅଂଶୀଦାର ଭାବେ ସୁରକ୍ଷା ଓ ନିରାପତାକୁ ପ୍ରାଥମିକତା ପ୍ରଦାନ ସ୍ୱରୂପ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ସହିତ ଏହାର କର୍ମଚାରୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଥାଏ । ଏହି ପ୍ରସଙ୍ଗରେ କମ୍ପାନୀ ବରିଷ୍ଠ ଅଧିକାରୀମାନେ ନିଜ ନିଜର ମତ ପ୍ରକାଶ କରିଥିଲେ । ସେହିପରି କମ୍ପାନୀର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ବ୍ୟତିତ ସମସ୍ତ ମଣ୍ଡଳ ଏବଂ ବିଭାଗୀୟ କାର୍ଯ୍ୟାଳୟରେ ମଧ 'ଲାଇନମେନ୍ ଦିବସ' ପାଳନ କରାଯାଇଅଛି ।

# ଓବିସି ସଂରକ୍ଷଣ ଦାବି ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର,୦୪/୩ (ନି.ପ୍ର): ଆଜି ସମ୍ବଲପୁର ସାମ୍ବାଦିକ ଭବନ ପରିସରରେ ଓବିସି ଯୁବ ଛାତ୍ର ଜାଗରଣ ମଂଚ, ଓଡ଼ିଶା ଦ୍ୱାରା ଓଡିଶାରେ ସମ୍ପୂର୍ଣ୍ଣ ଓବିସି ସଂରକ୍ଷଣ ଦାବି ନିମନ୍ତେ ଆଗାମୀ ଦିନରେ ଏକ ବିଶାଳ ଜନସମାଗମ ତଥା ରାଲୀ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହେଶ ସାଏତାଙ୍କ ଆବାହକତ୍ୱରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଶେଷତଃ ରାଜ୍ୟରେ ଚାକିରି କ୍ଷେତ୍ର ରେ ୧୧ ପ୍ରତିଶତ ସଂରକ୍ଷଣକୁ ୨୭ ପ୍ରତିଶତକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଶିକ୍ଷାନୁଷ୍ଠାନ ଗୁଡିକରେ ପ୍ରବେଶିକା ପରୀକ୍ଷା ତଥା ନାମଲେଖାରେ ମଧ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିବା ପାଇଁ ଆଗମୀ ଦିନରେ ସମ୍ବଲପୁର ସହରରେ ଏକ ବିଶାଳ ଜନସମାଗମ ତଥା ରାଲିର ଆହ୍ୱାନ ପାଇଁ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଛି ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ଗଣେଶ ଗାଇଗୌରିଆ ଉଦବୋଧନ ଦେଇଥିଲେ। ଆମ ରାଜ୍ୟ ଓଡ଼ିଶାରେ ଏହି ବ୍ୟବସ୍ଥା ନଥିବାରୁ ଓବିସି ବର୍ଗର ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ସାମ୍ବିଧାନିକ ଅଧିକାରରୁ ବଂଚିତ ହେଉଛନ୍ତି ବୋଲି ସୁପ୍ରିମ କୋର୍ଟରର ଯୁବ ଆଇନଜୀବୀ ଜ୍ଞାନଦତ ଚୌହାନ ଯୁକ୍ତି ବାଢ଼ିଥିଲେ । ବିଶେଷ କରି ଓବିସି ବର୍ଗର ଛାତ୍ର ଓ ଯୁବକ ମାନଙ୍କ ମଧରେ ସଂରକ୍ଷଣ ବ୍ୟବସ୍ଥା ପ୍ରତି ରାଜନୈତିକ ସଚେତନତା ର ଘୋର ଅଭାବ ଅଛି ବୋଲି ଯୁବ ନେତା ଶ୍ରୀନିବାସ ଖମାରୀ କହିଥିଲେ। ଏହାସହ ସାରା ରାଜ୍ୟରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଓ ବିଶେଶ କରି ଯୁବ ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାମାଜିକ ଆନ୍ଦୋଳନରେ ର ରୂପନେବ ବୋଲି ଏହି ପପୁନ ସାହୁ, ଅନିଲ ଯାଦବ ଓ ସ୍ୱପ୍ନିଳ ଯୁକ୍ତି ବାଢ଼ିଥିଲେ ।

# ଛାତ୍ରଛାତ୍ରୀଙ୍କୁ ବନବିଭାଗ ପକ୍ଷରୁ ବନାଗ୍ନୀ ସଚେତନତା

ସମ୍ବଲପୁର,୦୪/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ରେଞ୍ଜ ଜମନକିରା ବନ୍ୟପ୍ରାଣୀ ବନାଂଚଳ ଅନ୍ତର୍ଗତ ଟିକିଲିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବନବିଭାଗ ପକ୍ଷରୁ ଅଗ୍ନି ନିରାପଦ ପାଇଁ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ ନିଆଁ ଦାଉରୁ ରକ୍ଷା କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ସହିତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜମନକିରା ବନ୍ୟପ୍ରାଣୀ ବନାଂଚଳ ଅଧିକାରୀ ଶିଶିର ସାମଲଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଟିକିଲିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସହିତ ଛାତ୍ରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟରେ ବନ ଅଧିକାରୀ ଛାତ୍ରଛାତ୍ରୀଙ୍କୁ ଜଙ୍ଗଲରେ ନିଆଁ ଲାଗିଲେ ମନୁଷ୍ୟ ଜୀବନରେ କଣ କଣ ସମସ୍ୟା ଦେଖିବାକୁ ମିଳେ, ଜଙ୍ଗଲ ରେ ନିଆଁ ଲାଗିଲେ ଜଙ୍ଗଲୀ ଯିବଜନ୍ତୁ ସହିତ ବଣ କିଭଳି ପ୍ରଭାବିତ ହୋଇଥାଏ ସେ ସମ୍ପର୍କ ରେ ଛାତ୍ରୀ ଙ୍କୁ ଅଭିଭାଷଣ ମାଧ୍ୟମରେ ଜଣାଇଥିଲେ। ସେହିପରି ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ନିଜ ଅଭିଭାଷଣରେ ଛାତ୍ରୀ ଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା, ଜଙ୍ଗଲ ବଂଚିଲେ ମଣିଷ ବଂଚିବ ଓ ଜଙ୍ଗଲ ନଷ୍ଟ ହେଲେ ମଣିଷ ର କିଭଳି କ୍ଷତି ହୋଇଥାଏ ନିଜ ଅଭିଭାଷଣ ମାଧ୍ୟମରେ ଛାତ୍ରୀଙ୍କୁ ଅବଗତ କରିଥିଲେ।

# ନିଯୁକ୍ତି ମେଳା ଚଳିତ ମାସ ୭ ତାରିଖରେ

ପୁରୀ,୦୪/୩ (ନି.ପ୍ର): ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଜିଲ୍ଲା ନିଯୁକ୍ତି ମେଳା ଚଳିତ ମାସ ୭ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶ କ୍ରମେ ଏହି ନିଯୁକ୍ତି ମେଳା ଚଳିତ ମାସ ୭ ତାରିଖରେ ତାଳବଣିଆ ଆଇଟିଆଇ ଖେଳ ପଡିଆ ଠାରେ ପୂର୍ବାହ୍ନ ୯ଟା ସମୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୫୦ ରୁ ଅଧିକ ନିଯୁକ୍ତିଦାତା ସଂସ୍ଥା ମାନେ ଯୋଗ ଦାନ କରି ଆଶାୟୀ କୁଶଳୀ ଓ ଅଣକୁଶଳୀ ପ୍ରାର୍ଥୀ ମାନଙ୍କୁ ଚୟନ କରିବେ । ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ ଯୋଗ ଦେବେ। ଏହି ସଂସ୍ଥା ମାନେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ।ନିଯୁକ୍ତି ମେଳାରେ ନିଯୁକ୍ତି ଆଶାୟୀ ୫ମ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ ପର୍ଯ୍ୟନ୍ତ ଏବଂ ଆଇଟିଆଇ, ଡିପ୍ଲୋମା ପାସ ଆଶାୟୀ ପ୍ରାର୍ଥୀ,ପ୍ରାର୍ଥୀନୀ ମାନେ ଯେଉଁ ମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ସେମାନେ ଯୋଗ ଦେଇପାରିବେ। ଆଗ୍ରହୀ ପ୍ରାର୍ଥୀ ମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଆଧାର ପ୍ରମାଣ ପତ୍ର ର ଏକକିତା ନକଲ ସହ ପାସପୋର୍ଟ ସାଇଜର ୨ ଗୋଟି ଫଟୋ ସାଙ୍ଗରେ ଆଣି ଏହାର ସୁଯୋଗ ନେବାପାଇଁ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ନିୟୋଜନ ବିଭାଗର ମୁଖ୍ୟ କିରାଣୀ ପୁଷ୍ପଲତା ପ୍ରଧାନ, ବାମଦେବ ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ଧାରାବାହିକ:

ଭାଗ-୪୩

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ। ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୯ଶ ଅଧ୍ୟାୟ

### ।। ବାମନଙ୍କ ତ୍ରିପାଦ ଭୂମି ଯାଚନା ଏବଂ ଶୁକ୍ରାଚାର୍ଯ୍ୟଙ୍କ ବାରଣ ।।

ବଳିରାଜାଙ୍କର ଏପରି ଧର୍ମଯୁକ୍ତ ସତ୍ୟ, ବିନୟ ବାକ୍ୟ ଶ୍ରବଣ କରି ଭଗବାନ ବାମନ ପ୍ରୀତ ହେଲେ ଏବଂ ପ୍ରଶଂସା କରି କହିଲେ, ହେ ରାଜନ ତୁମର ଏପରି ଧର୍ମ ଓ ସତ୍ୟଯୁକ୍ତ ଦୃଢ ବାକ୍ୟ ତୁମ୍ଭର ସମ୍ପୂର୍ଣ୍ଣ କୁଳଚିତ୍ତ ହୋଇଅଛି । ମାତ୍ର ମୁଁ ତୁମ୍ଭ ନିକଟରୁ ମୋର ପାଦ ପରିମିତ ତ୍ରିପାଦ ଭୂମି ମାତ୍ର ଦାନ ଗ୍ରହଣ କରିବି, ସେତିକି ମୋର ପ୍ରୟୋଜନ । ବଳି କହିଲେ ହେ ବ୍ରାହ୍ମଣ ତନୟ, ଆପଣଙ୍କର ବାକ୍ୟ ପ୍ରଜ୍ଞା ପୂର୍ବକ ହେଲେ ହେଁ ବୟସରେ ଆପଣ ବାଳକ । ସ୍ୱାର୍ଥ ବିଷୟରେ ଅଜ୍ଞ ଓ ଅନଭିଜ୍ଞ । ଲୋକମାନେ ମୋଠାରୁ ଦାନ ଗ୍ରହଣ କରି ସାରା ଜୀବନ ପାଇଁ ଅନ୍ନ ବସ୍ତ୍ରରେ ନିଶ୍ଚିନ୍ତ ହୋଇଛନ୍ତି । ଆପଣ ଇଚ୍ଛାକଲେ ମୁଁ ରାଜ୍ୟ ସହିତ ମୋର ରାଜସିଂହାସନ ପ୍ରଦାନ କରିବି । ତେଣୁ ମୁଁ ପୁନର୍ବାର କହୁଛି ଆପଣ ଯେତେ ସମ୍ପଦ ଚାହିଁବେ ତାହା ମୁଁ ଆନନ୍ଦରେ ପ୍ରଦାନ କରିବି । ଶ୍ରୀ ବାମନ କହିଲେ, ହେ ନୃପଶ୍ରେଷ୍ଠ, ଅଜିତେନ୍ଦ୍ରିୟ ପୁରୁଷର ସାଂସାରିକ କାମନା ଅପୂରଣୀୟ । କେହି ହେଲେ ତାହା ପୂରଣ କରି ନପାରନ୍ତି । ତ୍ରିଭୂବନ ଲାଭରେ ମଧ ତାହାର ସେ ଅସୀମ କାମନାର ତୃପ୍ତି ହୁଏନାହିଁ । ତୁମ୍ଭେ ଯଦି ମୋତେ ଖଣ୍ଡିଏ ରାଜ୍ୟ ପ୍ରଦାନ କରିବ ତାହାଲେ ମୋର ସାତଖଣ୍ଡି ରାଜ୍ୟର କାମନା ଉଦ୍ରେକ ହେବ । ତେଣୁ ସନ୍ତୋଷ ହିଁ ମୁକ୍ତିର ହେତୁ । ସୂତରାଂ ହେ ଦାନୀ ଶ୍ରେଷ୍ଠ, ତୁମ୍ଭ ନିକଟରେ ମୋର ତ୍ରିପାଦ ଭୂମି ହିଁ କାମ୍ୟ । ସେତିକି ପାଇଲେ ମୁଁ ପରମ ସନ୍ତୋଷ ଲାଭ କରିବି । ବଳି ସ୍ମିତହାସ ପ୍ରକାଶ କରି କହିଲେ, ହେଉ ଆପଣଙ୍କର ଇଚ୍ଛା ଅନୁସାରେ ଦାନ ଗ୍ରହଣ କରନ୍ତୁ । ଏହା କହି ତ୍ରିପାଦ ଭୂମି ଦାନ ଦେବା ନିମିତ୍ତ ଜଳପାତ୍ର ଧାରଣ କଲେ । ସେତେବେଳକୁ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ସ୍ୱୟଂ ଭଗବାନଙ୍କର ବାମନ ଅବତାର ଓ ଅଭିପ୍ରାୟ ଯୋଗବଳରେ ଜାଣି ପାରି ବଳିଙ୍କୁ ଏକାନ୍ତରେ କହିଲେ ହେ ରାଜା, ଏ ସାକ୍ଷାତ୍ ସନାତନ ବିଷ୍ଣୁ । ଦେବକାର୍ଯ୍ୟ ସାଧନ ନିମିତ୍ତ ଅଦିତି ଗର୍ଭରେ ଜନ୍ମଲାଭ କରିଛନ୍ତି । ଇଏ ତୋର ପଦ, ଐଶ୍ୱର୍ଯ୍ୟ, ଶ୍ରୀ, ତେଜ, ଯଶ, ବିଦ୍ୟା ସମସ୍ତ ଅପହରଣ କରି ଇନ୍ଦ୍ରକୁ ପ୍ରଦାନ କରିବେ । ଏହି ବାମନ ରୂପୀ ବିରାଟ ପୁରୁଷ ତ୍ରିପାଦ ଦ୍ୱାରା ତ୍ରିଲୋକ ଆକ୍ରାନ୍ତ କରିବ । ଗୋଟିଏ ପାଦରେ ପୃଥିବୀ, ଦ୍ୱିତୀୟ ପାଦରେ ସ୍ୱର୍ଗ, ତୃତୀୟ ପାଦ ପାଇଁ ଆଉ ସ୍ଥାନ ନାହିଁ । ହେ ନିର୍ବୋଧ, ଏହି ଦାନ ଲାଗି ଶେଷରେ ତୋର ନର୍କଗତି ହେବ । କାରଣ ଏହି ତ୍ରିପାଦ ଦାନ ଦେବାର କ୍ଷମତା ତୋର ନାହିଁ । ଯେଉଁ ଦାନ ଦେବା ନିଜ ଶକ୍ତିର ବହିର୍ଭୂତ ଅଥଉ ମଧ ଯେଉଁ ଦାନ ନିଜର ବୃତ୍ତି ବିପନ୍ନ କରେ ସେପରି ଦାନର କଳ୍ପନା ହିଁ କରିବା ଅନୁଚିତ ବୋଲି ପଣ୍ଡିତମାନେ କହନ୍ତି । ଏବେ ତୁ ତାହା ହିଁ କହି ଏହି ଦାନ ଦେବାରେ ତୋର ଅକ୍ଷମତା ପ୍ରକାଶ କର, ଏହା ଦ୍ୱାରା ତୁ ମିଥ୍ୟା କହୁନାହୁଁ । ଏହା ବିରାଟ ସତ୍ୟକଥା । ତୁ ଏ ଦାନ କଦାପି ଦେଇ ପାରିବୁ ନାହିଁ । ପୁଣି ସତ୍ୟ ଓ ମିଥ୍ୟାର ସୀମା ଏକ ବିବାଦୀୟ ପ୍ରଶ୍ନ । ଦେହବୃକ୍ଷର ସତ୍ୟତା ତାର ପୁଷ୍ପ ଓ ଫଳ ଦ୍ୱାରା ପ୍ରତିପାଦିତ ହୁଏ । ପୁଷ୍ପଫଳ ଯଦି ଅଛି ତେବେ ଦେହ କିପରି ମିଥ୍ୟା ? ନାରୀ ସଙ୍ଗ, ପରିହାସ, ବିବାହରେ ବରକନ୍ୟା ଯୋଗ, ଧନ ସମ୍ପଦ ରକ୍ଷା, ପ୍ରାଣସଙ୍କଟ ଏବଂ ଗୋ ବ୍ରାହ୍ମଣ ହୀତାର୍ଥେ ମିଥ୍ୟା କହିବା ଦୋଷାବହ ନୁହେଁ ।

### ୨୦ଶ ଅଧ୍ୟାୟ

### ।। ବଳିଙ୍କର ଭଗବାନ ବାମନଙ୍କ ବିଶ୍ୱରୂପ ଦର୍ଶନ ।।

କୁଳଗୁରୁ ଶୁକ୍ରାଚାର୍ଯ୍ୟ ଏପରି କହନ୍ତେ ବଳିରାଜା କ୍ଷଣେ ମଉନ ରହି କହିଲେ, ହେ ପୂଜ୍ୟ ଗୁରୁଦେବ, ମୋର ଓ ସମଗ୍ର ଅସୁରଜାତିର ହିତପାଇଁ ଆପଣ ଯାହା କହିଲେ ତାହା ଯଥାର୍ଥ । ମାତ୍ର ଭକ୍ତ ପ୍ରବର ପ୍ରହ୍ଲାଦଙ୍କ ପୌତ୍ର ହୋଇ ସାମାନ୍ୟ ଜଣେ ଶଠବ୍ୟକ୍ତି ପରି ମୁଁ ମୋର ପ୍ରତିଜ୍ଞା କିପରି ପାଳନ ନ କରିବି ? କିପରି ବା ସତ୍ୟଭ୍ରଷ୍ଟ ହେବି ? ଅସତ୍ୟଠାରୁ ବଳି ଅଧର୍ମ ନାହିଁ । ମୋ ପକ୍ଷରେ ସେପରି ଅଧର୍ମ କରିବା କିପରି ସମ୍ଭବ । ଏହା ଦ୍ୱାରା ମୋର ନର୍କଗତି ହେବ ନାହିଁକି ? ଆପଣ ଜାଣନ୍ତି ମୋର ମୃତ୍ୟୁ ବା ନର୍କଭୟ ନାହିଁ, ସର୍ବସ୍ୱ ଦାନଦେଇ ଚରମ ଦାରିଦ୍ର୍ୟକୁ ମୁଁ ସ୍ୱାଗତ କରିବାକୁ ପ୍ରସ୍ତୁତ । ତାହା ମୋ ପକ୍ଷରେ ଅତ୍ୟନ୍ତ ଆନନ୍ଦଦାୟକ ହେବ । ତେଣୁ ହେ ଗୁରୁଦେବ, ସେହି ଭଗବାନ ବିଷ୍ଣୁ ଯାହାଙ୍କୁ ଆପଣ ମାନେ ସହସ୍ର ଯଜ୍ଞାନୁଷ୍ଠାନ ମାଧ୍ୟମରେ ଲାଭ କରିବାକୁ ପ୍ରୟାସ କରିଥାନ୍ତି ସେ ମୋ ପ୍ରତି ବରଦ କିମ୍ବା ଶତ୍ରୁ ହୁଅନ୍ତୁ ସରଳ ହୁଅନ୍ତୁ ବା କପଟୀ ହୁଅନ୍ତୁ ତାଙ୍କର ପ୍ରାର୍ଥିତ ତ୍ରିପାଦ ଭୂମି ମୁଁ ତାଙ୍କୁ ନିଶ୍ଚୟ ପ୍ରଦାନ କରିବି । ମୁଁ ମନେ କରୁଛି ମୁଁ ନିରପରାଧ ତଥାପି ଯଦି ମୋର ବିପର୍ଯ୍ୟୟ ଓ ବନ୍ଧନ ଯୋଗ ଘଟେ ତେବେ ବ୍ରାହ୍ମଣ ରୂପଧାରୀ ଶତ୍ରୁକୁ ମୁଁ କଦାପି ହିଂସା କରିବି ନାହିଁ । ଏହା ଶୁଣି ଶୁକ୍ରାଚାର୍ଯ୍ୟ ଅଭିଶାପ ଦେଲେ । ତୁ ମୋତେ ଉପେକ୍ଷା କରି ଆଦେଶ ଲଙ୍ଘନ କରିବା ଯୋଗୁଁ ଅଚିରେ ଶ୍ରୀହୀନ ହେବୁ । ଏହା ସତ୍ତ୍ୱେ ମହାଦାନୀ ବଳି ସତ୍ୟଭ୍ରଷ୍ଟ ହେଲେ ନାହିଁ । ସେ ଅର୍ଚ୍ଚନା ପୂର୍ବକ ଜଳ ଗ୍ରହଣ କରି ବାମନଙ୍କୁ ଭୂମିଦାନ କରିବାକୁ ଉଦ୍ୟତ ହେଲେ । ତାଙ୍କର ପତ୍ନୀ ରାଣୀ ବିନ୍ଧ୍ୟାବଳୀ ବାମନଙ୍କର ପାଦ ପ୍ରକ୍ଷାଳନ ପାଇଁ ଜଳପୂର୍ଣ୍ଣ ସୁବର୍ଣ୍ଣ କଳସ ଆଣିଦେଲେ । ବଳି ଶ୍ରୀବାମନଙ୍କର ଚରଣ ଧୌତକରି ଚରଣୋଦକ ମସ୍ତକରେ ଧାରଣ କଲେ । ଇନ୍ଦ୍ରାଦି ଦେବତାମାନେ ମଧ ବଳିଙ୍କର ସେହି ନିଷ୍କପଟ ମହାନ ଦାନକୁ ପ୍ରଶଂସା କରି ଆକାଶରୁ ପୁଷ୍ପ ବର୍ଷଣ କଲେ । ଏହାପରେ ବାମନ ରୂପୀ ଭଗବାନ ସହସା ବିଶ୍ୱମୂର୍ତ୍ତି ଧାରଣ କଲେ । ବଳି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ସେହି କ୍ଷୁଦ୍ରରୂପୀ ବାମନଙ୍କର ଆକାର ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଛି । ସୂର୍ଯ୍ୟଚନ୍ଦ୍ର ତାଙ୍କର ଚକ୍ଷୁ ତୁଲ୍ୟ ପ୍ରତିଭାତ ହେଉଛନ୍ତି । ଅସୁରମାନେ ତାଙ୍କ ହସ୍ତରେ ଅସହ୍ୟ ତେଜ ସମ୍ପନ୍ନ ସୁଦର୍ଶନ ଚକ୍ର ଓ ସାରଙ୍ଗ ଧନୁ ଅବଲୋକନ କରି ମୂର୍ଚ୍ଛାଗଲେ । ଭ୍ରମର ପତ୍ନୀଯୁକ୍ତ ହୋଇ ବନମାଳା ଲମ୍ବିତ ହୋଇ ଭଗବାନ ଅତ୍ୟନ୍ତ ଶୋଭା ପ୍ରକାଶ କରୁଥିଲେ । ତାଙ୍କର ଏକପାଦରେ ବଳିଙ୍କର ସମସ୍ତ ଭୂମି ଏବଂ ଦ୍ୱିତୀୟ ପାଦ କ୍ଷପଣରେ ସମଗ୍ର ସ୍ୱର୍ଗ ପରିବ୍ୟାପ୍ତ ହେଲା । ନାଭି ଦେଶରୁ ତୃତୀୟ ଚରଣ ଉଦଭୂତ ହୋଇ ଆଉ ଶୂନ୍ୟ ସ୍ଥାନ ନଥିବାରୁ ସତ୍ୟଲୋକକୁ ବ୍ୟାପିଲା ।

### ୨୧ଶ ଅଧ୍ୟାୟ

### ।। ବଳିଙ୍କର ବନ୍ଧନ ।।

ଭଗବାନଙ୍କ ତୃତୀୟଚରଣ ସତ୍ୟ ଲୋକକୁ ବ୍ୟାପ୍ତ ହେବାରୁ ଏବଂ ସେହି ଚରଣର ନଖର ଦୀପ୍ତି ଦ୍ୱାରା ବ୍ରହ୍ମଲୋକ ନିଷ୍ପ୍ରଭ ହେବାରୁ ପଦ୍ମଯାନି ବ୍ରହ୍ମା, ମରୀଚି ଓ ସନକାଦି ଋଷିଗଣ ଭଗବାନଙ୍କର ପାଦ ପ୍ରଖ୍ୟାଳନ ସହିତ ସ୍ତୁତିପାଠ କଲେ । ବ୍ରହ୍ମାଙ୍କର କମଣ୍ଡଳୁସ୍ଥ ଜଳ ଭଗବାନଙ୍କର ଚରଣ ସ୍ପର୍ଶରେ ପବିତ୍ର ସ୍ୱର୍ଗ ଗଙ୍ଗାରେ ପରିଣତ ହେଲା ଏବଂ ଆକାଶରୁ ପତିତ ହୋଇ ତ୍ରିଭୂବନକୁ ପବିତ୍ର କଲା । ଅସୁରମାନେ ବାମନ ରୂପୀ ଭଗବାନଙ୍କର ଏତାଦୃଶ କପଟ ଦେଖି କ୍ରୋଧରେ ତାଙ୍କୁ ଆକ୍ରମଣ କରିବାକୁ ପ୍ରୟାସ କରି ବିଷ୍ଣୁ ଅନୁଚରମାନଙ୍କ ଦ୍ୱାରା ନିହତ ହେବାରୁ ବଳିରାଜା ସେମାନଙ୍କୁ ବାରଣ କରି କହିଲେ, ସ୍ୱୟଂ ସୁଖଦୁଃଖ ଦାତାଙ୍କ ବିରୁଦ୍ଧାଚରଣ କରିବା ନିର୍ବୋଧତା । ଯେଉଁ ଭଗବାନ ପୂର୍ବେ ଆମକୁ ବିଜୟ ପ୍ରଦାନ କରିଥିଲେ ଏବେ ସେ ତାହାର ବିରୁଦ୍ଧାଚରଣ କରୁଛନ୍ତି, ତାକୁ ସାଦରେ ଗ୍ରହଣ କରିବାକୁ ହେବ ପୁଣି କେତେବେଳେ ସେ ଆମକୁ ବିଜୟ ଦେବେ ଏଣୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ । ଭଗବାନ ବାମନଙ୍କ ନିର୍ଦ୍ଦେଶରେ ପକ୍ଷୀରାଜ ଗରୁଡ ବଳିଙ୍କୁ ବରୁଣ ପାଶରେ ଆବଦ୍ଧ କଲେ । ଭଗବାନ ବାମନ କହିଲେ, ବଳି ତୁମେ ତ୍ରିପାଦ ଭୂମି ଦେବାକୁ ସତ୍ୟବଦ୍ଧ ହୋଇଛ, ମୋର ଦୁଇପାଦରେ ସାରା ବିଶ୍ୱ ପରିବ୍ୟାପ୍ତ ହୋଇଥିବାରୁ ତୃତୀୟ ପାଦ ନିମିତ୍ତ ଭୂମି ପ୍ରଦାନ କର ନଚେତ ସତ୍ୟଭ୍ରଷ୍ଟ ହେବ ।

### ୨୨ଶ ଅଧ୍ୟାୟ

### ।। ବଳିଙ୍କର ବନ୍ଧନ ମୋଚନ ଓ ଭଗବାନଙ୍କୁ ସ୍ତୁତି ।।

ଭଗବାନ ବାମନ ବଳିକୁ ଉତ୍ୟକ୍ତ ଏବଂ ସତ୍ୟଭ୍ରଷ୍ଟ କରିବାକୁ ଚାହିଁଲେ ମଧ ବଳି ପୂର୍ବବତ୍ ସ୍ଥିର ଓ ଅବିଚଳିତ ରହି କହିଲେ, ହେ ମାୟାଧର, ଆପଣ ମୋତେ ବିଭ୍ରାନ୍ତ କରିବାକୁ ଚାହିଁଲେ ମଧ ତାହା ସମ୍ଭବ ନୁହେଁ;ଏଣୁ ଆପଣଙ୍କ ତୃତୀୟ ପାଦ ମୋ ମସ୍ତକ ଉପରେ ରଖନ୍ତୁ । ଆପଣଙ୍କ ଦ୍ୱାରା ବନ୍ଧନ ପ୍ରତି ମୋର ତିଳେ ଲଜ୍ଜା ନାହିଁ କି ନର୍କଗମନକୁ ମୁଁ ଭୟ କରେନାହିଁ । କେବଳ ମୋ ଦ୍ୱାରା ଅସୁରକୁଳର ଅପକୀର୍ତ୍ତି ନହେଉ । ଆପଣ ହିଁ ଅସୁର କୁଳର ସ୍ରଷ୍ଟା ଏବଂ ଗୁରୁ । ବାରମ୍ବାର ଦଣ୍ଡଦେଇ ଆପଣ ଅସୁର କୁଳକୁ ସତମାର୍ଗରେ ଚାଲିବାକୁ ଦର୍ଶାଇଛନ୍ତି । ଆପଣଙ୍କ ସହିତ ଶତ୍ରୁତା କରି ଅସୁରମାନେ ପରମପଦକୁ ପାଇଛନ୍ତି ଯାହା ମୁନିଋଷିମାନେ ଯୁଗଯୁଗ ଧରି ତପସ୍ୟା କରି ପାଇ ନାହାନ୍ତି । ଆପଣଙ୍କର ମୋତେ ଏହି ଦଣ୍ଡ ମୋ ପ୍ରତି ଆପଣଙ୍କ ଅନୁଗ୍ରହ । ଏହି ସଂସାର ଆପଣଙ୍କ ମାୟାର ଖେଳ । ଆପଣ ହିଁ ମାୟା- କୁହୁକ ଲଟାଇ ନିଜ ସୃଷ୍ଟି ସହିତ ଖେଳୁଛନ୍ତି । ଏହି ସମୟରେ ଉଦିତ ପୂର୍ଣ୍ଣଚନ୍ଦ୍ରର ତେଜ ନେଇ ଭକ୍ତଶ୍ରେଷ୍ଠ ପ୍ରହ୍ଲାଦ ସେଠାରେ ଉପସ୍ଥିତ ହୋଇ ଭଗବାନଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ବଳି ବନ୍ଧନ ହେତୁ କେବଳ ମଥାନତ କରି ପିତାମହଙ୍କୁ ପ୍ରଣତି ନିବେଦନ କରି ଅଧୋବଦନ ହୋଇ ଛିଡାହେଲେ । ପ୍ରହ୍ଲାଦ ବିନୟର ସହ କହିଲେ, ଭଗବାନ ଆପଣ ହିଁ ବଳିକୁ ଇନ୍ଦ୍ରପଦ ପ୍ରଦାନ କରିଥିଲେ ଏବଂ ଆଜି ପ୍ରତ୍ୟାହାର କରିନେଇ ବଳିକୁ ଅନୁଗ୍ରହୀତ କଲେ । କାରଣ ନିରବଛିନ୍ନ ଐଶ୍ୱର୍ଯ୍ୟ ଓ ସମ୍ପଦ, ସଂଯତ ପ୍ରାଣୀକୁ ମଧ ମୁଗ୍ଧ ଓ ବିଭ୍ରଷ୍ଟ କରିପାରେ । ବଳିଙ୍କ ପତ୍ନୀ ସତୀସାଧ୍ୱୀ ବିନ୍ଧ୍ୟାବଳୀ କହିଲେ, ହେ ଭଗବାନ ! ଆପଣ ନିଜ ସୃଷ୍ଟିରେ ନିଜେ ହିଁ କ୍ରୀଡା କରୁଛନ୍ତି । ସୃଷ୍ଟି, ସ୍ଥିତି, ସଂହାରର କର୍ତ୍ତା ଆପଣଙ୍କୁ କିଏ ବା କ'ଣ ଦାନ କରିପାରେ ? ଦାତା ଓ ଗ୍ରହୀତା ଆପଣ ଏକ ଓ ଅଦ୍ୱିତୀୟ । ବ୍ରହ୍ମଦେବ କହିଲେ, ଭଗବାନ ନିଷ୍କପଟ ହୃଦୟରେ ଏହି ବଳି ସର୍ବ ସମ୍ପଦ ଏପରିକୁ ନିଜ ଶରୀର ମଧ ଆପଣଙ୍କୁ ନିବେଦନ କରିଛି ଏଣୁ କୃପାକରି ଏହାକୁ ବନ୍ଧନ ମୁକ୍ତ କରନ୍ତୁ । ଭଗବାନ କହିଲେ, ହେ ବ୍ରହ୍ମନ, ମୁଁ ଯାହାକୁ ଅନୁଗ୍ରହ କରେ ତାହାକୁ ଦୃଷ୍ଟି ପଥରେ ରଖିଥାଏ । ମୋର ସର୍ବବ୍ୟାପୀ ଉଦାସୀନ ଦୃଷ୍ଟି ତା ଉପରେ ନିବଦ୍ଧ ଥାଏ । ତାହାର ଧନାଦି ସକଳ ସମ୍ପଦ ମୁଁ ହରଣ କରେ କାରଣ ସେ ଗର୍ବିତ ହୋଇ ମୋତେ ଓ ପରିପାର୍ଶ୍ୱକୁ ଅବଜ୍ଞା କରି ପାପର ଭାଗୀ ହେଉ ମୁଁ ଚାହେଁନା । ଗର୍ବ, ଅହଂକାର ସକଳ ଅମଙ୍ଗଳର କାରଣ ଯେଉଁଥିରେ ମୋର ପ୍ରକୃତ ଭକ୍ତ ଆସକ୍ତ ହୁଏନାହିଁ । ଏହି ବଳି ଦୁର୍ଜୟମାୟାକୁ ଜୟ କରିଛନ୍ତି, ଦୁଃଖରେ ମଧ ସେ ଅବିଚଳିତ ରହିଛନ୍ତି । ଶତ୍ରୁ କର୍ତ୍ତୃକ ସେ ତିରସ୍କୃତ ହୋଇ, ବନ୍ଧନରେ ପଡି ମଧ ଭୟଭୀତ କି ଧର୍ମତ୍ୟାଗ କଲେ ନାହିଁ ତେଣୁ ମୁଁ ତାଙ୍କୁ ଦେବଗଣଙ୍କ ଦୁଷ୍ପ୍ରାପ୍ୟ ବର ପ୍ରଦାନ କରୁଛି । ସେ ମୋ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷିତ ରହି ସାବର୍ଣ୍ଣ ମନ୍ୱନ୍ତରରେ ପୁନର୍ବାର ସ୍ୱର୍ଗାଧିପତି ଇନ୍ଦ୍ର ହେବେ । ସେ ପର୍ଯ୍ୟନ୍ତ ବିଶ୍ୱକର୍ମା ନିର୍ମିତ ମୋ କୃପାରୁ ଦ୍ୱିତୀୟ ସ୍ୱର୍ଗ ସଦୃଶ ସୁତଳରେ ଏ ବାସ କରିବେ । ସେଠାରେ ଦେହ-ମନ ପୀଡା, ଗ୍ଲାନି, ଆଳସ୍ୟ ବା କୌଣସି ପ୍ରକାର ଦୁଃଖ, ପରାଭବ ଅନୁଭୂତ ହେବନାହିଁ । ଏହାପରେ ବଳିକୁ କହିଲେ, ହେ ପ୍ରିୟ ଇନ୍ଦ୍ରସେନ ମହାରାଜ, ତୁମର ମଙ୍ଗଳ ହେଉ । ତୁମର ଆଦର୍ଶ ଜଗତରେ ପ୍ରତିଷ୍ଠିତ ହେଉ । ତୁମେ ସୁଜନ ପରିବେଷ୍ଟିତ ହୋଇ ଦେବଦୁର୍ଲ୍ଲଭ ସର୍ବସମ୍ପଦ ପରିପୂର୍ଣ୍ଣ ସୁତଳରେ ବାସ କର । ତୁମେ ଶତ୍ରୁତାଚରଣକାରୀ ମୋ ସୁଦର୍ଶନ ଚକ୍ର ଦ୍ୱାରା ନିହତ ହେବ । ମୁଁ ତୁମକୁ ସର୍ବପ୍ରକାର ଅମଙ୍ଗଳ, ଉପଦ୍ରବରୁ ରକ୍ଷା କରିବି । ତୁମେ ମୋତେ ସେହିଠାରେ ତୁମର ସନ୍ନିଧାନରେ ଦର୍ଶନ କରୁଥିବ । ଏହା କହି ସ୍ୱହସ୍ତରେ ବଳିଙ୍କର ବନ୍ଧନ ମୁକ୍ତ କରି ମସ୍ତକରେ ନିଜ କରପଲ୍ଲବ ସ୍ଥାପନ କଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ପାଇଯିବା ପ୍ରେମ ନୁହେଁ



ଶ୍ୱେତା ରାଉତ୍

'ତୁମକୁ ନଦେଖିଲେ ମୋତେ ସାରା ଦୁନିଆ ଟା ଅନ୍ଧାର ଲାଗେ।ତୁମେ ମୋ ଜୀବନ,ମୋର ଖୁସି,ଆନନ୍ଦ ସବୁକିଛି।ଯେବେଠୁ ତୁମେ ମୋ ଜୀବନରେ ଆସିଲ ଯେମିତି ପୃଥିବୀର ସବୁ ସୁଖ ମୋ ହାତ ମୁଠାରେ ପାଇଲି। ଦିନ ରାତି ଖାଲି ତୁମ ଚେହେରା ମୋ ଆଖି ଆଗରେ, ତୁମ ବିନା ମୁଁ ବଞ୍ଚି ପାରିବିନି ବିନିତା'।

ଅତି ଭାବବିହ୍ୱଳ ହୋଇ ବିନିତାର ମୁହଁକୁ ଚାହିଁ ଅନର୍ଗଳ କହି ଚାଲିଥାଏ ସନ୍ଦୀପ।ଏତେ ଗଭୀର ପ୍ରେମ ନିବେଦନ ସତ୍ତ୍ୱେ ବି ଟିକେ ହେଲେ ଖୁସି ଦିଶୁନଥିଲା ବିନୀତା ମୁହଁରେ। ସନ୍ଦୀପ ବିନିତାର ହାତକୁ ଧରି ନେଇ ଗମ୍ଭୀର ସ୍ୱରରେ କହିଲା'କଣ ଭାବୁଛ ବିନି ?ତୁମେ ବିବାହିତ ହେଲ ତ କଣ ହେଲା, ତୁମେ ମୋର ପ୍ରଥମ ପ୍ରେମ, ମୁଁ ବି ତ ବିବାହିତ। ଆମେ ବାହା ହୋଇଗଲେ ବୋଲି କଣ ଆମ ମନକୁ ମାରିଦେବା ?

ସନ୍ଦୀପ ଏତେ ଗଭୀର ଭାବେ ବିନିତା ନିକଟରେ ଆତମସମର୍ପଣ କରି ନିବେଦନ କରୁଥିଲା ଯେ, ସେ ଭାବି ପାରୁନଥିଲା ସନ୍ଦୀପକୁ କିପରି ବୁଝାଇବ ଯେ ଈଶ୍ୱର ଯାହାକୁ ତାର ସ୍ୱାମୀ ଭାବେ ସ୍ୱୀକୃତି ଦେଇଛନ୍ତି ସେ ହିଁ ତାର ଇହକାଳ ପରକାଳର ଦେବତା, ତାଙ୍କ ସହ ଧୋକା କରିବ କିପରି ! ମନେ ମନେ ଚିନ୍ତା କଲା ସନ୍ଦୀପ ସହିତ ବନ୍ଧୁ ଭାବେ ରହି ତାକୁ ଜୀବନର ପାଠ ଶିଖାଇବ। ଖୁବ୍ ଭଲ ଭାବେ ସନ୍ଦୀପ ସହ କଥା ହେଲା, ତା ସାଥିରେ ଅଧିକରୁ ଅଧିକ ସମୟ ବ୍ୟତୀତ କଲା। ବିନିତାର ବନ୍ଧୁତ୍ୱକୁ ପ୍ରେମ ଭାବି ସନ୍ଦୀପ, ପ୍ରେମିକା ପାଇଁ ଦାମୀ ଦାମୀ ଉପହାର ଆଣିଦେଲା,ବିନିତା ସହ ରହିବାକୁ ବିନିତା ନାମରେ ନୂଆ ଫ୍ଲାଟ୍ ବି କିଣିଦେଲା।ଧୀରେ ଧୀରେ ବିନିତା ପ୍ରେମରେ ଏତେ ପାଗଳ ହୋଇଗଲା ଯେ ନିଜ ସ୍ତ୍ରୀ ପିଲାଙ୍କୁ କେବଳ କିଛି ଟଙ୍କା ପଠାଇ ଦେବା ବ୍ୟତୀତ ତିଳେ ମାତ୍ର ସ୍ନେହଭାବ ରଖିଲା ନାହିଁ। ଏସବୁ ବିନିତାକୁ ଆଦୌ ଭଲ ଲାଗୁନଥିଲା, କେତେ ସ୍ୱାର୍ଥପର ଲୋକଟା ପ୍ରେମ ଆଳରେ କେବଳ କାମନା ବାସନାରେ ଅନ୍ଧ ହୋଇ ନିଜ ପରିବାରକୁ ବି ଭୁଲି ଯାଉଛି।

ବିନିତା କିଛି ଭାବୁ ଭାବୁ ଫୋନ୍ ଆସିଲା... ଆର୍ମିରେ ଥିବା ତାର ସ୍ୱାମୀ ଦୁଇ ଦିନ ପରେ ଘରକୁ ଆସୁଛନ୍ତି ବୋଲି ସେ ଖୁସିରେ ସନ୍ଦୀପକୁ ଖବରଟା ଜଣାଇବା କ୍ଷଣି ସନ୍ଦୀପର ମୁହଁ ଶୁଖିଗଲା ଓ ଧିର ସ୍ୱରରେ କହିଲା'ସତ କହିଲ ବିନି ସେ କଣ ତୁମ ସ୍ୱାମୀ ହେବାକୁ ଯୋଗ୍ୟ, ମୁଁ ତୁମକୁ ଯେତେ ଖୁସିରେ ରଖି ପାରିବି ସେ କଣ ସେତିକି ଖୁସି ଦେଇ ପାରିବ ? ତୁମେ ତାକୁ ଡିଭୋର୍ସ ଦେଇଦିଅ, ମୋ ପାଖରେ ରାଣୀ ପରି ରହିବ।

ସ୍ୱାମୀକୁ ଈଶ୍ୱର ଭାବି ଭଲପାଉଥିବା ବିନି ସନ୍ଦୀପର ଏପରି ଏକତରଫା ପ୍ରେମ ଓ ଏତେ ହୀନ ବିଚାର ଦେଖି ଯେତିକି ଦୁଃଖୀ ହେଉଥିଲା, ସେତିକି ଖୁସି ହେଉଥିଲା ଏଭଳି ଏକ ସ୍ୱାର୍ଥପର ମଣିଷକୁ ଈଶ୍ୱର ତା ଜୀବନରେ ଛନ୍ଦି ନାହାନ୍ତି ଭାବି। ଟିକେ ଅନ୍ୟମନସ୍କ ହୋଇ ବିନି ସନ୍ଦୀପ ଆଡେ ଚାହିଁ କହିଲା 'ତେବେ ଡେରି କାହିଁକି, ଦୁଇ ଦିନ ଭିତରେ ମନ୍ଦିରରେ ମୋତେ ସିନ୍ଦୂର ପିନ୍ଧାଇ ନିଜର କରିନିଅ'। ବିନିତାର କଥା ଶୁଣି ଖୁସିରେ ପାଗଳ ହୋଇ ସନ୍ଦୀପ ବିନିକୁ ବାହା ହେବାର ବନ୍ଦୋବସ୍ତ କଲା। ଦୁଇ ଦିନ ପରେ ବର ବଧୂ ବେଶରେ ଦୁହେଁ ମନ୍ଦିର ଗଲେ ବିବାହ ବି କଲେ। ପଣ୍ଡିତଙ୍କ ମନ୍ତ୍ର ପାଠ ଓ ବିବାହ ସମାପନ ପରେ ବିନିର ବଧୂ ବେଶ ଦେଖିବାକୁ ଉତ୍କଣ୍ଠାର ସହ ସନ୍ଦୀପ ଓଢ଼ଣି ଉଠାଇ ଦେଖେ ତ ସେ ବିନି ନଥିଲା, ଥିଲା ତା ନିଜ ସ୍ତ୍ରୀ। ନିର୍ବାକ ହୋଇଗଲା ସନ୍ଦୀପ ! ! ମୁହଁରୁ ବାହାରି ପଡ଼ିଲା' ତୁମେ ମୋତେ ଧୋକା ଦେଲ ବିନି' ?

ସ୍ୱାମୀ ସହିତ ପହଞ୍ଚି ଅଳ୍ପ ହସି ବିନି କହିଲା 'ଏହା ହିଁ ବାସ୍ତବ ସନ୍ଦୀପ, ଧୋକା ନୁହେଁ। ଧୋକା ତ ତୁମେ କରିବାକୁ ଯାଉଥିଲ, ମୋ ସ୍ୱାମୀ, ତୁମ ସ୍ତ୍ରୀ, ପିଲା ସମସ୍ତଙ୍କ ସହ। ପ୍ରେମ କେବଳ ଦୈହିକ ମିଳନ, କାମନା ବାସନାରେ ସୀମିତ ନୁହେଁ। ତୁମେ ଯାହାକୁ ସାମାଜିକ ସ୍ୱୀକୃତି ଦେଇ, ଅଗ୍ନି ଓ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ବିବାହ କଲ, ନିଜ କାମନାର ପୂର୍ତ୍ତି ପାଇଁ ତାକୁ ଅସହାୟ କରି ହାତ ଛାଡ଼ିଦେଲ। ଯିଏ ନିଜ କର୍ତ୍ତବ୍ୟରୁ ଓହରି ଯାଏ, ନିଜ ସ୍ୱାର୍ଥକୁ ତ୍ୟାଗୀ ନପାରେ, ତା ହୃଦୟରେ କେବେ ପ୍ରେମ ନଥାଏ, କେବଳ କାମନା ଥାଏ। ବାସ୍ତବତାକୁ ସ୍ୱୀକାର କରି ଖୁସିରେ ରୁହ'।

ବିନିତା ନାମରେ ସନ୍ଦୀପ କିଣିଥିବା ଫ୍ଲାଟ୍, ବିନିତା ସନ୍ଦୀପର ସ୍ତ୍ରୀ ନାମରେ କରିଦେଇଥିଲା, ସବୁ ଉପହାର ମଧ ଦେଇ ଦେଇଥିଲା ଏବଂ ସନ୍ଦୀପକୁ କ୍ଷମା କରିଦେଇ ତା ସହ ଖୁସିରେ ରହିବାକୁ ସନ୍ଦୀପ ସ୍ତ୍ରୀ ନିକଟରେ ବିନି ଅନୁରୋଧ କରିଥିଲା। ସ୍ୱାମୀଙ୍କୁ ପ୍ରଥମରୁ ସବୁକିଛି ଜଣାଇଥିବା ବିନିତା ଫେରିବା ବେଳେ ଏତିକି କହୁଥିଲା, ପାଇଯିବା ଯଦି ପ୍ରେମ ହୋଇଥାନ୍ତା ରାଧା, କୃଷ୍ଣ ନିଜେ ଈଶ୍ୱର ହୋଇ ବିରହରେ ଯୁଗ ବିତାଇ ନଥାନ୍ତେ। ପ୍ରେମ ତ ସମର୍ପଣର ପ୍ରତିରୂପ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଛୁଆଙ୍କ ଆଗରେ ସିଗାରେଟ ଟାଣୁଥିଲେ ସାବଧାନ



ଆଜିକାଲିର ଧାଁଦଉଡ଼ ଜୀବନରେ କାମର ଚାପ,ପରିବାରରେ ସମସ୍ୟା,ଦାମ୍ପତ୍ୟ ଅଥବା ପ୍ରେମରେ ବିଫଳତା ପାଇବା ପ୍ରାୟତଃ ପ୍ରତି ମଣିଷର କଥା । ଏହି ଦୁଃଖ,କଷ୍ଟକୁ ଟିକେ ହାଲୁକା କରିବା ପାଇଁ ମଣିଷ ଏକ ସରଳ ମାଧ୍ୟମକୁ ଆଦରି ନେଇଛି 'ସିଗାରେଟ୍' । ସିଗାରେଟ୍ ଟାଣୁଥିବା ଯେକୌଣସି ବ୍ୟକ୍ତିକୁ କାହିଁକି ସିଗାରେଟ୍ ଟାଣୁଛ ପ୍ରଶ୍ନ କଲେ ସେ ନିହାତି କହିବେ ଟେନସନ୍ କୁ ଟିକେ କମେଇବା ପାଇଁ ଟାଣିଦେଉଛୁ ଆଉ । ହେଲେ ଏ ସିଗାରେଟ୍ କ'ଣ ସତରେ ଟେନସନ୍ କମାଏ ? ବର୍ତ୍ତମାନ ସିଗାରେଟକୁ ଯୁବପିଢୀ ଫ୍ୟାସନ୍ ତାଲିକାରେ ବି ସାମିଲ୍ କରିଦେଇଛନ୍ତି କହିଲେ କିଛି ଭୁଲ୍ ହେବନାହିଁ । କର୍ପୋରେଟ୍ ସେକ୍ଟର କର୍ମଚାରୀଙ୍କଠାରୁ ଆରମ୍ଭ କରି କଲେଜ୍ ପିଲା ପର୍ଯ୍ୟନ୍ତ ସମସ୍ତଙ୍କୁ ସିଗାରେଟ୍ ଯେମିତି ଏକ ଫ୍ୟାସନ୍ ଷ୍ଟାଇଲ୍ ଭଳି ଲାଗୁଛି । ବାପା-ମା' ଘରେ ଛୋଟ ପିଲା ଥିବା ସତ୍ତ୍ୱେ ସିଗାରେଟ୍ ଟାଣି ଧୂଆଁ ଏମିତି ଛାଡୁଛନ୍ତି ଯେମିତି କୌଣସି ଟ୍ରେନ୍ ଇଞ୍ଜିନ୍ । ଏଥିରେ ସମସ୍ୟା କ'ଣ ହେଉଛି ଜାଣିଛନ୍ତି ଭୁଲ୍ କରୁଛନ୍ତି ଆପଣ ହେଲେ ଦଣ୍ଡ ପାଉଛି ଆପଣଙ୍କ ଛୁଆ । ଏକ ସର୍ଭେରୁ ସାମ୍ନାକୁ ଆସିଛି ଯେ ସେକେଣ୍ଡ ହେଣ୍ଡ ସ୍ମୋକିଙ୍ଗ୍ ଯାହାକୁ ପେସିଵ୍ ସ୍ମୋକିଙ୍ଗ୍ ମଧ କୁହାଯାଏ ଏହା ଆପଣଙ୍କ ଛୁଆ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ । ବଡ଼ ହେଲେ ଏଭଳି ପିଲାଙ୍କ କ୍ଷେତ୍ରରେ ର୍ୟୁମେଟାଇଡ୍ ଅର୍ଥରାଇଟିସର ଆଶଙ୍କା ୭୫ % ପର୍ଯ୍ୟନ୍ତ ବଢିଯାଏ । ଏହାର ଅର୍ଥ ଧୂମପାନ କେବଳ ଆପଣଙ୍କ ପାଇଁ ହିଁ ନୁହଁ ଆପଣଙ୍କ ଛୁଆ ପାଇଁ ମଧ ହାନିକାରକ । ତେବେ ଆସନ୍ତୁ ଜାଣିବା କ'ଣ ଏହି ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଙ୍ଗ୍ ?

ଜଣେ ବ୍ୟକ୍ତି ଯେତେବେଳେ ସିଗାରେଟ୍ ଟାଣନ୍ତି ଏହାର ସଂପୂର୍ଣ୍ଣ ମାତ୍ରା ଫୁସଫୁସ୍ କୁ ନଯାଇ କିଛି ଧୂଆଁ ମାଧ୍ୟମରେ ବାୟୁରେ ମିଶିଯାଏ ଏବଂ ବାୟୁ ଦ୍ୱାରା ଅନ୍ୟ ଜଣଙ୍କ ଭିତରକୁ ଧୂଆଁ ପ୍ରବେଶ କରେ। ଏହି ପ୍ରକ୍ରିୟାକୁ ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଙ୍ଗ୍ ବୋଲି କୁହାଯାଏ ଯାହାର ଅଧିକ ପ୍ରଭାବ ଛୋଟଛୁଆଙ୍କ ଉପରେ ପଡ଼େ । ର୍ୟୁମେଟାଇଡ୍ ଅର୍ଥରାଇଟିସରେ ଶରୀରର ଇମ୍ୟୁନ୍ ସିଷ୍ଟମ୍ ହିଁ ଗଣ୍ଠି ଉପରେ ଭାରି ପଡ଼ିଯାଏ , ଯାହାଦ୍ୱାରା ଗଣ୍ଠି ଦରଜ ଏବଂ ଫୁଲିବା ଭଳି ସମସ୍ୟା ମଧ ଦେଖାଯାଏ । ଚଲାବୁଲା କରିବା ବେଳେ କଷ୍ଟ ଅନୁଭବ ହୁଏ । ଯେଉଁ ଲୋକଙ୍କ ଭିତରେ ଏଭଳି ସମସ୍ୟା ଦେଖାଯାଏ ସେମାନଙ୍କ ଚିକିତ୍ସା ଉପରେ ଧ୍ୟାନ ଦିଆଯିବା ସହ କିଛି ଖାଦ୍ୟପେୟ ଉପରେ କଣ୍ଟ୍ରୋଲ୍ କରିବାର ଆବଶ୍ୟକତା ପଡ଼ିଯାଏ । ଅବହେଳା ହେଲେ ସମସ୍ୟା ସ୍ଥାୟୀ ରୂପ ନେଇ ଦିବ୍ୟାଙ୍ଗତା ଆଡ଼କୁ ମଧ ନେଇପାରେ। ସର୍ଭେ ଅନୁସାରେ ର୍ୟୁମେଟାଇଡ୍ ଅର୍ଥରାଇଟିସ ଏକ ଜଟିଳ ସମସ୍ୟା । ତେଣୁ ଏଥିରେ ସାବଧାନ ରହିବା ମଧ ନିହାତି ଜରୁରୀ । ପରିବାରରେ ଯଦି ଏହି ସମସ୍ୟା ଆଗରୁ ରହିଛି ତାହେଲେ ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍ କରିବା ଆଦୌ ଠିକ୍ ନୁହଁ । ଏଥିରେ ପିଲାଙ୍କ ଫୁସଫୁସ୍ ସମ୍ବନ୍ଧ ସମସ୍ୟା ମଧ ଦେଖାଯାଏ । ବିଶେଷଜ୍ଞଙ୍କ ମତରେ ତମ୍ବାଖୁର ଧୂଆଁରେ ୪୦୦୦ ରୁ ଅଧିକ ରାସାୟନିକ ତତ୍ତ୍ୱ ରହିଥାଏ । ଯେଉଁଥିରେ ୨୫୦ ରୁ ଅଧିକ ରୋଗ ହେବାର ସମ୍ଭାବନା ରହିଥାଏ । ଫୁସଫୁସ୍ ସହ ଏହା ହୃଦରୋଗ ସମସ୍ୟା ମଧ ବଢାଏ ଏବଂ କ୍ୟାନ୍ସର ଭଳି ସମସ୍ୟା ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ସିଗାରେଟ୍ ଧୂଆଁର ସଂସ୍ପର୍ଶରେ ଆସୁଥିବା ପ୍ରତିଟି ଲୋକ ପାଇଁ ଏହା ବିପଦ ସୃଷ୍ଟି କରେ କହିଲେ କିଛି ଭୁଲ୍ ହେବନି । ଶିଶୁଙ୍କ ବିକଶିତ ଅଙ୍ଗ ପାଇଁ ସିଗାରେଟ୍ ଧୂଆଁ ଜହର ଭଳି କାମ କରେ । ଛୋଟପିଲା ଏବଂ ଗର୍ଭବତୀଙ୍କ ଉପସ୍ଥିତିରେ ସିଗାରେଟ୍ ଟାଣିବାର ଭୁଲ୍ ଆଦୌ କରନ୍ତୁ ନାହିଁ । ପରିବାର ଭିତରେ କିମ୍ବା କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ ଧୂମପାନ କରିବା ଠାରୁ ଦୂରେଇ ରୁହନ୍ତୁ । ଆପଣଙ୍କ ଛୋଟ ପ୍ରୟାସ ଅନ୍ୟର ଜୀବନକୁ ସରଳ , ସୁସ୍ଥମୟ କରିବାରେ ସହାୟକ ହେବ ।

ଧାରାବାହିକ ଉପନ୍ୟାସ



# ଦୂରନ୍ତ ଶିଖା

ଭାଗ-୫୫



ଡ।ସିନ୍ଧୁ ସେନ୍

ସୂର୍ପଣଖା ମଧ୍ୟ ନିଜର ରାକ୍ଷସୀ ମାୟାରେ ବେଶ ବଦଳାଇ ଏକ ସୁନ୍ଦରୀ ରମଣୀ ବେଶରେ ଆକୃଷ୍ଟ କରିବାପାଇଁ ବାରମ୍ବାର ଚେଷ୍ଟା କରନ୍ତି । ରାମଚନ୍ଦ୍ର ନିଜ ଭାଇ ଲକ୍ଷ୍ମଣଙ୍କୁ ଦେଖାଇ କହନ୍ତି ମୋ ପରି ଲକ୍ଷ୍ମଣ ମଧ୍ୟ ବିବାହିତ । ମାତ୍ର ତାଙ୍କ ପତ୍ନୀ ଏବେ ତାଙ୍କ ପାଖରେ ନାହାନ୍ତି । ସୂର୍ପଣଖା ଲକ୍ଷ୍ମଣ ପାଖକୁ ଯାଇ ମଧ୍ୟ ସେ ନିଷ୍ଠୁର ଭାବେ ପ୍ରତ୍ୟାଖ୍ୟାନ କରନ୍ତି ଭଉଣୀଙ୍କୁ ଏମିତି ଏକ ବିରୋଧାଭାଷ ମଧ୍ୟରେ ରାମପତ୍ନୀ ସୀତାଙ୍କୁ ହତ୍ୟା କରିବାପାଇଁ ଚେଷ୍ଟା କରନ୍ତି । ଆଶା ଥାଏ, ପତ୍ନୀଙ୍କୁ ହରାଇ ହୁଏତ ରାମ ତାଙ୍କୁ ଗ୍ରହଣ କରିବାକୁ ରାଜି ହେବେ । ମାତ୍ର ଫଳ ହୁଏ ବିପରୀତ । ଭଉଣୀର କାମନା ବାସନାକୁ ଲକ୍ଷ୍ୟକରି ରାମଙ୍କ ଇଂଗିତରେ ଲକ୍ଷ୍ମଣ ଖଣ୍ଡାରେ ଭଉଣୀର କାନ, ନାକକୁ କାଟି ଦିଅନ୍ତି । ନାରୀର ମୁଖ୍ୟ ଭୂଷଣ ମୁଖକୁ ବିକୃତ କରି ଦିଅନ୍ତି । ନାରୀ ବୋଲି ହତ୍ୟା କରିବା ଅପରାଧକୁ ନ ମୁଣ୍ଡେଇ କେବଳ ଅଂଗ ପ୍ରତ୍ୟଙ୍ଗକୁ କ୍ଷତାକ୍ତ, ରୁଧିରାକ୍ତ କରି ଛାଡ଼ି ଦିଅନ୍ତି ।

ଭଉଣୀ ମୁହଁରୁ ଏସବୁ ଶୁଣିଲା ପରେ କ୍ରୋଧରେ ମୁଁ ଉତ୍ୟକ୍ତ ହୋଇ ପଡୁଥିଲି । ପ୍ରବଳ ଉତ୍ତେଜନାରେ ମୋର ଚକ୍ଷୁ ରକ୍ତାଭ ହୋଇ ଉଠୁଥିଲା । ମୋ ଅଧୀନ ରାଜ୍ୟରେ ବସବାସ କରି ପୁଣି ମୋ ଭଉଣୀ ଉପରେ ଅତ୍ୟାଚାର । ମାନୁଛି, ନାରୀ ଭାବେ ପରପୁରୁଷ ପ୍ରତି ଦୃଷ୍ଟି ପକାଇବା ଠିକ୍ ହୋଇନି । ତେବେ ଏ ତ ଆମର ରାକ୍ଷସ ପ୍ରବୃତ୍ତି । ସୂର୍ପଣଖା ଶରୀରରେ ମଧ୍ୟ ରାକ୍ଷସୀ ରକ୍ତ ପ୍ରବାହିତ । ସେ ମା ସେଥିରୁ ବାଦଯିବ କେମିତି ? ଏତେ ପରେ ବି ମୁଁ ଗୋଟିଏ କଥା ବୁଝି ପାରୁ ନଥିଲି, ଭଉଣୀର ସୁରକ୍ଷା ପାଇଁ ମୁଁ ତ ବହୁ ପୂର୍ବରୁ ଖର, ଦୂଷଣ ଆଉ ଆମର ସେନାବାହିନୀକୁ ନିୟୋଜିତ କରିଥିଲି । ସେମାନେ ତେବେ, ସେଠାରେ ଥାଇ କରୁଥିଲେ କ'ଣ ? ସେମାନେ ଚାହିଁଥିଲେ ତ ଦୁଇଭାଇଙ୍କୁ ଦଣ୍ଡ ଦେଇ ପାରିଥାନ୍ତେ । ସୂର୍ପଣଖା କହୁଥିଲେ, ଭାଇ, ମୁଁ ତ ଘରକୁ ଏ ବିଷୟରେ କହିଥିଲି । ସେମାନେ ମଧ୍ୟ ଚେଷ୍ଟା କରିଥିଲେ । ହେଲେ, ରାମଙ୍କ ବାଣ ଆଗରେ ଖର, ଦୂଷଣ କ'ଣ, ଆମର ବିରାଟ ସେନାବାହିନୀ ମଧ୍ୟ ନିହତ ହେଲେ । ସତ କହୁଛି ଭାଇ, ମୋର ତ ମନେହେଉଛି ରାମ ସାଧାରଣ ମଣିଷ ନୁହଁନ୍ତି, ତାଙ୍କ ହାତର ବାଣର ଶକ୍ତି ଅନେକ । ଆମର ରାକ୍ଷସକୁଳ ତାଙ୍କ ପାଖରେ କିଛି ବି ନୁହଁନ୍ତି । ଯୁଦ୍ଧରେ ଜିଣିବା ତ ଦୂରର କଥା, ତାଙ୍କ ହାତରୁ ବର୍ତ୍ତିବା ମଧ୍ୟ ଅସମ୍ଭବ । ସୂର୍ପଣଖାର କଥା ତଥାପି ସରି ନଥିଲା । ମୁଁ ଯେ ଶତ୍ରୁପକ୍ଷର ପ୍ରଶଂସା ସହି ପାରେନି, ଏହା ଜାଣି ମଧ୍ୟ ସେ ଅନେକ କିଛି କହି ଚାଲିଥିଲା । ମୋ ମନରେ ଉତ୍ସାହ ଭରି ସେ ରାମପତ୍ନୀ ସୀତାଙ୍କ ଉଦ୍ଦେଶ୍ୟରେ ଅନେକ କଥା ମୋ ଆଗରେ ବର୍ଣ୍ଣନା କଲା । ସୂର୍ପଣଖା ବେଶ୍ ଉତ୍‌ଫୁଲ୍ଲିତ ହୋଇ କହୁଥିଲା ଭାଇ ସୀତା ଏତେ ସୁନ୍ଦରୀ ଯେ, ଆମ ଭାଉଜ ମନ୍ଦୋଦରୀ ମଧ୍ୟ ତାଙ୍କ ନିକଟରେ ଊଣା ପଡ଼ିଯିବେ । ତେଣୁ ସୀତାଙ୍କୁ ଆଣି ଆପଣଙ୍କର ପାଟରାଣୀ କରନ୍ତୁ । ସୂର୍ପଣଖାର କଥାକୁ ସମର୍ଥନ ଜଣାଇ ଉପସ୍ଥିତ ସଭାସଦ୍‌ବର୍ଗ ମଧ୍ୟ ସମସ୍ୱରରେ କହିଲେ, ଠିକ୍ କଥା, ପଞ୍ଚବଟୀ ଅରଣ୍ୟ ଏବେ ଲଙ୍କାଧିଶ୍ୱର ରାବଣଙ୍କ ଅଧୀନରେ । ତେଣୁ ସେଠି ଯିଏ ବି ବସବାସ କରନ୍ତୁ ସମସ୍ତେ ହିଁ ଆପଣଙ୍କର ସମ୍ପତ୍ତି । ସମସ୍ତଙ୍କ ଉପରେ ଆପଣଙ୍କର ହିଁ ସର୍ବପ୍ରଥମ ଅଧିକାର । ମୋର ରାକ୍ଷସ ରକ୍ତର ଉଷ୍ଣତା କ୍ରମଶଃ ବଢ଼ି ଯାଇଥିଲା । ପ୍ରବଳ ଉତ୍ତେଜନାରେ ମୁଁ କଳ୍ପନା କରୁଥିଲି ଦେବୀ ସୀତାଙ୍କ ଅପରୂପ ସୌନ୍ଦର୍ଯ୍ୟକୁ । ତେବେ କ'ଣ ମୋତେ ସୀତାଙ୍କ ପାଇଁ ରାମଙ୍କ ସହ ଯୁଦ୍ଧ କରିବାକୁ ପଡ଼ିବ । ମୋର ସନୋପତି ମାନଙ୍କ ସହ ସମସ୍ୱରରେ ଅନ୍ୟମାନେ କହୁଥିଲେ ହଁ ହଁ ଯୁଦ୍ଧ । ଯୁଦ୍ଧ ହିଁ ଏହାର ଏକମାତ୍ର ବିକଳ୍ପ ପନ୍ଥା । ଯୁଦ୍ଧ ବ୍ୟତିରେକେ ଏ ରାକ୍ଷସ ସମାଜ କେବେ କ'ଣ କିଛି ହାସଲ କରିପାରିଛି । ସବୁଠି ସବୁଜାଗାରେ ଯୁଦ୍ଧ ହିଁ ଆମର ମୁଖ୍ୟ ଆୟୁଧ । ହଁ, ରାମ ଯିଏବି ହୁଅନ୍ତୁ ନା କାହିଁକି ତାଙ୍କୁ ଜିଣିବା ମୋର ମୁଖ୍ୟ ଲକ୍ଷ୍ୟ । ସେହି ମୁହୂର୍ତ୍ତରୁ ରାମ ମୋର ଶତ୍ରୁ ପାଲଟିଗଲେ । ସେଇ ଶତ୍ରୁତା ମୋର ମୃତ୍ୟୁ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

ଏବେ ମୋର ଅନ୍ତିମ କ୍ଷଣରେ ସେ ସ୍ମୃତି ସବୁ ମୋ ମନକୁ ଆନ୍ଦୋଳିତ କରୁଛି । ସେଦିନ ଯଦି ସୂର୍ପଣଖା ଆହତ ଅଂଗକୁ ନେଇ ମୋ ସମ୍ମୁଖକୁ ନ ଆସିଥାନ୍ତା, ହୁଏତ ରାମଚନ୍ଦ୍ରଙ୍କୁ ମୁଁ ଶତ୍ରୁ ଭାବେ ଦେଖି ନଥାନ୍ତି । ଭିନ୍ନ କିଛି ପରିସ୍ଥିତି ହୁଏତ ହୋଇଥାନ୍ତା । ମାତ୍ର ଭଉଣୀ ସୂର୍ପଣଖା ହିଁ ମୋ ରକ୍ତରେ ପ୍ରଥମ କରି ଶତ୍ରୁତାର କଣିକା ଭରି ଦେଇଥିଲେ । ଯାହା ଧୀରେଧୀରେ ମୋ ରକ୍ତରେ ଚରି ଯାଇଥିଲା । ଆଉ ମୁଁ ପାଲଟି ଯାଇଥିଲି ଦୁରାଚାରୀ, ପାପିଷ୍ଠ ରାବଣ । ଏବେ କିନ୍ତୁ ଜୀବନର ଅନ୍ତିମ ମୁହୂର୍ତ୍ତରେ ମୁଁ ଅନୁଭବ କରିଛି । ମୋ ରକ୍ତକଣିକାରେ ଏବେ ଆଉ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଶତ୍ରୁତାର ବିଷକଣିକା ନାହିଁ । ବରଂ ମୋ ରକ୍ତକୋଷରେ ରହିଛି ରାମଙ୍କ ପ୍ରତି ଭଲପାଇବାର ଅଣୁ । ରାମବାଣର ଆଘାତରେ ଯାହା ଏବେ ଝରିଯାଉଛି ମୋର ପ୍ରତିଟି ଶିରା, ପ୍ରଶିରାରୁ । ଏ ରକ୍ତର ସ୍ରୋତ ବୋହି ଯାଇ ପ୍ରଭୁ ଶ୍ରୀରାମଙ୍କ ପଦସ୍ପର୍ଶ କରୁ । ଏହାହିଁ ମୋର ଅନ୍ତିମ କାମନା ।

## ॥ ପଚିଶ ॥

ସୂର୍ପଣଖା ମୁହଁରୁ ସବୁ ଇତିବୃତ୍ତ ଶୁଣିଲା ପରେ ସମସ୍ତେ ମୋତେ ରାମଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କରିବାକୁ ପ୍ରବର୍ତ୍ତାଉଥିଲେ । ଜଣେ ମାତ୍ର ଏହାର ବିରୋଧ କରୁଥିଲେ । ସେ ଥିଲେ ମୋର ସାନଭାଇ ବିଭୀଷଣ, ସେ ପିଲାଟି ଦିନରୁ ବିଷ୍ଣୁଭକ୍ତ । ଭୀଷଣ ଧର୍ମଜ୍ଞ, ଅନ୍ୟାୟ, ଅନାଚାରକୁ ସେ ଆଦୌ ସହ୍ୟ କରିପାରନ୍ତି ନାହିଁ । ପୂର୍ବରୁ ମଧ୍ୟ ସେ ଏମିତି ଅନେକ କଥାରେ ମୋତେ ବାଧା ଦେଇଥିଲେ । ମାତ୍ର ତାଙ୍କର କୌଣସି କଥାକୁ ମୁଁ ଗ୍ରହଣ କରିପାରୁ ନଥିଲି । ମୁଁ ସଦାସର୍ବଦା ମୋର ସପକ୍ଷବାଦୀ ମାନଙ୍କୁ ହିଁ ପସନ୍ଦ କରିଥାଏ । ବିପକ୍ଷବାଦୀ ବିଭୀଷଣର ଉପଦେଶକୁ ମୁଁ ଗ୍ରହଣ କରିଥାନ୍ତି କେମିତି ? ମୋ ସେନାପତି ତ ମୋ ସପକ୍ଷରେ କହୁଛନ୍ତି । ସେନାପତିଙ୍କ ଯୁକ୍ତି ଥିଲା । ରାମ କେବଳ ଶକ୍ତିଶାଳୀ ନୁହଁନ୍ତି, ପରାକ୍ରମୀ ମଧ୍ୟ ତାଛଡ଼ା ସେ ତାଙ୍କ ପତ୍ନୀ ସୀତାଙ୍କୁ ନିବିଡ଼ ଭାବେ ଭଲପାଆନ୍ତି । ତେଣୁ ତାଙ୍କ ସହ ଯୁଦ୍ଧ କରି ସୀତାଙ୍କୁ ଜୟ କରିବା କିଛି ସହଜ କଥା ନୁହେଁ । ଏପରି ସ୍ଥଳେ ବିନା ଯୁଦ୍ଧ କିମ୍ବା ରକ୍ତପାତରେ କାର୍ଯ୍ୟ ହାସଲ କରିବାକୁ ପଡ଼ିବ । ଆମ ରାକ୍ଷସ ସମାଜ ତ ସବୁ କାର୍ଯ୍ୟରେ ଦକ୍ଷ । ସେନାପତି କହୁଥିଲେ, ଏସବୁ ପାଇଁ କୂପକପଟ, ଛଳନାର ଆଶ୍ରୟ ନେବାକୁ ପଡ଼ିବ । ମୁଁ କିଛି ବୁଝିପାରୁ ନଥିଲ । ସେସବୁ ପୁଣି, ମୋତେ ସେମାନେ ବୁଝାଉଥିଲେ । ଯୁଦ୍ଧ ସିନା ହେବନି । କିନ୍ତୁ କଳେବଳେ କୌଶଳେ ସୀତାଙ୍କୁ ଅପହରଣ କରିବାକୁ ପଡ଼ିବ । ଆମ ରାକ୍ଷସମାନେ ଅପହରଣ କରିବାକୁ ପଡ଼ିବ । ଆମ ରାକ୍ଷସମାନେ ଅପହରଣ ବିଦ୍ୟାରେ ବେଶ୍ ଧୂର୍ତ୍ତ । ତେବେ ଅପହରଣ କେମିତି କରାଯିବ । ସେ ବିଷୟରେ ସ୍ୱତନ୍ତ୍ର ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ଆମ ସେନାପତିଙ୍କର ବିଚକ୍ଷଣ ବୁଦ୍ଧି । ସବୁ ଜଟିଳତାକୁ ସେ ହିଁ ସରଳ କରି ଦେଇଥାନ୍ତି । ତାଙ୍କର କହିବାର କଥା, ସୀତା ଅପହୃତା ହେଲେ, ରାମ ତାଙ୍କୁ ଝୁରିଝୁରି ଜୀବନ ଶେଷ କରିଦେବ । ଆଉ ଭ୍ରାତୃଭକ୍ତ ଲକ୍ଷ୍ମଣ ମଧ୍ୟ ଭାଇଙ୍କୁ ହରାଇ ପ୍ରାଣତ୍ୟାଗ କରିବେ । ତେଣ ଆପଣାଛାଏଁ ଶତ୍ରୁ ନିପାତ ହୋଇଯିବ । ଆଉ ସୀତାଦେବୀ ମଧ୍ୟ ମିଳିଯିବେ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୮୧ ॥

ଦିତି ସେତେବେଳେ ଗର୍ଭବତୀ ଥାନ୍ତି । ବିଷାଦିତ ମନରେ ଟିକେ ସ୍ଫୁର୍ତ୍ତି ଆଣିବାକୁ ସମୁଦ୍ର ( ରାଜସ୍ଥାନ ସେତେବେଳେ ପାକିସ୍ଥାନ ସହିତ ମିଶି ରହିଥିଲା) କୂଳରେ ବିଚରଣ କରୁଥାନ୍ତି କଶ୍ୟପ ପ୍ରଜାପତି । ରାତ୍ରିର ପ୍ରଥମ ପ୍ରହର । ସେ ଅନୁଭବ କଲେ କେହି ଜଣେ ନାରୀ ପଛ ପାଖରୁ ଦୁଇ ହାତରେ ତାଙ୍କ ଚକ୍ଷୁକୁ ବୁଜି ଧରିଛନ୍ତି । କଶ୍ୟପ ହସ୍ତ ଘୁରାଇ ଦେଖିଲେ, ସେ ଦୀର୍ଘାଙ୍ଗୀ, ବେଶ୍ ସୁସ୍ଥ, ଲମ୍ବା ଗ୍ରୀବା ଉପରେ କେଶ ଗୁଚ୍ଛକୁ ବାନ୍ଧି ରଖି ଝୁଲାଇ ଥିବା ଜଣେ ମହିଳା । ଦେହରେ ସଂକ୍ଷିପ୍ତ ରେଶମୀ ସାୟା, ତଥା ବ୍ଲାଉଜ ପରି ହସ୍ତ ନିର୍ମିତ ପୋଷାକ । କିଏ ଏହି ନାରୀ ?' ଦନୁ ଚମକି ପଡି ପଚାରିଲେ କଶ୍ୟ ପ । ସେଦିନ ଦିତିଙ୍କ ପାଇଁ ସେ ଯେଉଁ ପରିସ୍ଥିତି ର ସମ୍ମୁଖୀନ ହୋଇଥିଲେ, ଯେଉଁ ଦୁଃଶ୍ଚିନ୍ତାରୁ ସେ ମୁକ୍ତି ପାଇବାକୁ ଏଠାକୁ ଆସିଛନ୍ତି, ପୁଣି ଥରେ ତାଙ୍କ ପାଇଁ ସେହିପରି ଜଣେପ୍ରତିକ୍ଷିତ । ନାରୀଙ୍କ ଆଶା ଯେ ତାଙ୍କୁ ଏଠି ଅପେକ୍ଷା କରିଛି, ସେ ଏହା କଳ୍ପନା କରିନଥିଲେ । ଅଦିତିଙ୍କ ଉପରେ ତାଙ୍କର ଘୋର ଅଭିମାନ ଆସିଲା । କେଉଁ ଦିନ ସେ ବ୍ରତ ପୂର୍ଣ୍ଣ କରିବେ ?

କିନ୍ତୁ ଦନୁ ଆଖି ଖୋଲିଦେବା ପରେ ଚନ୍ଦ୍ରାଲୋକରେ ତାଙ୍କ ଆଡ଼କୁ ଚାହିଁ କଶ୍ୟପଙ୍କ କ୍ଷୀଣ ପ୍ରତିବାଦ ର ସ୍ୱର ପବନରେ ମିଳାଇ ଗଲା । ସେ ଥିଲେ ହସ, ହସ ଏକ ଆନନ୍ଦମୟୀ ଶାନ୍ତ ମୂର୍ତ୍ତି । ସାମାନ୍ୟ ଶ୍ୟାମଳ, ଲମ୍ବା ନାକ ଓ ନୀଳ ଚକ୍ଷୁ । କୋଉଠି କେଜାଣି, କାଶ୍ୟପଙ୍କ ଚେହେରା ସହିତ ତାଙ୍କର ମଧ୍ୟ କିଛି ସାମଞ୍ଜସ୍ୟ ଥିଲା । ଏହା ଥିଲା ତାଙ୍କ ପ୍ରତି କଶ୍ୟପଙ୍କ ଆକର୍ଷଣର କାରଣ । 'ମୁଁ ଜା ଣେ, ଆପଣ ବର୍ତ୍ତମାନ ଖୁବ୍ ଦୁଃଖିତ ଅଛନ୍ତି । ମୁଁ ଆପଣଙ୍କୁ ଟିକେ ଖୁସି ଦେଇ ପରିବି କି ?' କହୁ କହୁ ଏକ ବୃକ୍ଷର ସହାରା ପାଇଁ ଲତା ଡଙ୍କେଇବା ପରି ସେହି ଆନନ୍ଦମଗ୍ନ । କୁମାରୀ ଚକ୍ଷୁ ବୁଜି କଶ୍ୟପଙ୍କ କୋଳରେ ଲୋଟି ଗଲେ ଓ ହସି, ହସି ତାଙ୍କୁ ଦୁଇ ବାହୁରେ ଜାବୁଡ଼ି ଧରିଲେ । ଏହିଭଳି ଭାବେ ଦନୁ ମଧ୍ୟ ତାଙ୍କଠାରୁ ନିଜ ସନ୍ତାନର ପିତୃତ୍ୱ ଆଦାୟ କରି ନେଇଥିଲେ । ଦନୁଙ୍କଠାରୁ ଯେଉଁ ପୁତ୍ର ସନ୍ତାନଟି ପ୍ରଥମେ ଜନ୍ମ ହୋଇଥିଲା, ତାର ମୁଖ ଅଶ୍ୱ ପରି ଲମ୍ବା, ହସ, ହସ ଓ ଲମ୍ବା ଗ୍ରୀବା ସହ କାନ୍ଧ ପର୍ଯ୍ୟନ୍ତ କେଶ ପୂର୍ଣ୍ଣ ହୋଇ ଥିଲା । ତେଣୁ ପିତା କଶ୍ୟପ ତାଙ୍କର ନାମ ରଖିଥିଲେ ହୟ ଗ୍ରୀବ । ତାଙ୍କ ପରେ ମୟ ଜନ୍ମ ହୋଇଥିଲେ ।

ସେତେବେଳକୁ ଚନ୍ଦ୍ରଙ୍କ ସହିତ ଦକ୍ଷଙ୍କ ସତେଇଶ ଜଣ କନ୍ୟା ବିବାହ କରି ସାରିଥିଲେ । ସେତେବେଳର ପଞ୍ଜିକା ପ୍ରାୟ ଅଧିକ ଚନ୍ଦ୍ରଙ୍କ ଉପରେ ଆଧାରିତ ଥିଲା । ଗୋଟିଏ ମାସ ତିରିଶ ଦିନ ହେଲେ ମଧ୍ୟ ସୂର୍ଯ୍ୟ ଓ ପୃଥିବୀ ର ଗତି ପାଇଁ ଚନ୍ଦ୍ର ପ୍ରାୟ ସତେଇଶ ଦିନ ପରିକ୍ରମା କରନ୍ତି, ସେମାନେ ଜାଣିଥିଲେ । ରାଶି, ନକ୍ଷତ୍ର ଆଦି ନିର୍ଣ୍ଣୟ ହୋଇଥିଲା । ସେ ପ୍ରତିଦିନ ଗୋଟିଏ, ଗୋଟିଏ ନକ୍ଷତ୍ର ନିକଟରେ ଅବସ୍ଥାନ କରୁଥିଲେ ଓ ପୂର୍ଣ୍ଣିମା ବେଳକୁ ରୋହିଣୀଙ୍କ ସହ ଅଧିକ ସମୟ ଅବସ୍ଥାନ କରୁଥିଲେ । ସେ ଓଷଧୀଶ ଥିଲେ । ଶୁକ୍ଳ ପକ୍ଷରେ ବୃକ୍ଷର ଅଗ୍ରଭାଗ ଓ କୃଷ୍ଣ ପକ୍ଷରେ ମୂଳ ଅଧିକ ଅଗ୍ରଗତି କରିଥାଏ । ସାଧାରଣତଃ ଉଷ୍ମ ସ୍ଥାନରେ ରଖିଲେ ଔଷଧରୁ ଔଷଧୀୟ ଗୁଣ ନଷ୍ଟ ହୋଇ ଯାଇଥାଏ । ଚନ୍ଦ୍ର କିରଣ ଶୀତଳ ଥିବାରୁ ଏହା ଆୟୁର୍ବେଦ ମହୌଷଧୀଶ ହୋଇଛନ୍ତି । ଭଗବାନ କୃଷ୍ଣ ଗୀତାରେ ଚନ୍ଦ୍ରଙ୍କ ସମ୍ପର୍କ ରେ ଏକ ଗୋପନୀୟ ତଥ୍ୟ ପ୍ରକାଶ କରିଥିଲେ । ଯାହାର ଶୁକ୍ଳ ପକ୍ଷରେ ମୃତ୍ୟୁ ହୁଏ, ସେ ଦେବ ଲୋକ ଏବଂ କୃଷ୍ଣ ପକ୍ଷରେ ମୃତ୍ୟୁ ହେଲେ ପିତୃ ଲୋକକୁ ଯାଏ । ଚନ୍ଦ୍ର ଜନ୍ମଦିନଠାରୁ କ୍ରମେ ପୃଥିବୀଠାରୁ ଦୂର ଊର ହେଉଛନ୍ତି ଏବଂ ତାଙ୍କ ଆକାର ପୃଥିବୀ ବାସୀଙ୍କ ପାଇଁ କ୍ଷୟ ହେଉଛି । ଚନ୍ଦ୍ରରେ ମଣିଷର ଓଜନ ଶତକଡା ଷୋହଳ । ଏହା ଦକ୍ଷ ପ୍ରଜାପତିଙ୍କ ଅଭିଶାପ । ବାସ୍ତବ ପୃଥିବୀରେ ଚନ୍ଦ୍ର ଅଭିଶାପ ପାଇ କ୍ଷୟ ରୋଗରେ ପୀଡିତ ହୋଇ ଥାଇପାରନ୍ତି ! ପୃଥିବୀର ଭାରସାମ୍ୟ ରକ୍ଷା କରୁଥିବାରୁ ପାଞ୍ଚ ଭୂତର ଅଧିପତି ଶିବ ତାଙ୍କୁ ମସ୍ତକରେ ଧାରଣ କରିଥିଲେ । ଜ୍ୟୋତିର୍ବିଜ୍ଞାନରେ ମଧ୍ୟ ତାଙ୍କର ସ୍ଥାନ ସାର୍ବଜନୀନ । ତାଙ୍କଠାରୁ ଚନ୍ଦ୍ର ବଂଶର ଉଦ୍ଭବ ହୋଇଥିଲା । ପରେ କଶ୍ୟପ ପ୍ରଜାପତି ଗାନ୍ଧର୍ବୀ ଏବଂ ଅପ୍ସରୀ ଦୁହିଁଙ୍କ ସହ ମିଳିତ ହୋଇ ଗନ୍ଧର୍ବ ଓ ଅପ୍ସରୀ ମାନଙ୍କୁ ଜନ୍ମ ଦେଲେ ।

ଯେତେବେଳେ ଦିତିଙ୍କର ଦୁଇ ପୁତ୍ର ଜନ୍ମ ହେଲେ, ସେତେବେ ଳେ ଅଦିତି ମଧ୍ୟ ଗର୍ଭବତୀ ଥିଲେ । ଅଦିତି ! ଯାହାଙ୍କ କଥା ଚିନ୍ତା କଲେ କଶ୍ୟପଙ୍କର ମନେହୁଏ ସେ ତାଙ୍କର ଅଙ୍ଗରୁ ଅଭିନ୍ନ, ସେ ତାଙ୍କର ମନର ମାନସୀ, ହୃଦୟର ସ୍ୱପ୍ନ ପ୍ରତି ମା, ଆତ୍ମାର ହିମାଚଳରେ ପ୍ରବାହିତ ହେଉଥିବା ପତିତ ପାବ ନୀ ପୂଣ୍ୟତୋୟା !!

ଯୋଗ ଜୀବନରେ ସେ ତାଙ୍କ ସହ ବାରବାର ମିଳିତ ହୁଅନ୍ତି । ଯେଉଁଦିନ ଅଦିତି ବ୍ରତ ପୂର୍ଣ୍ଣ କଲେ,କଶ୍ୟପ ଦୈହିକ ବାସନା ନୁହେଁ, ବରଂ ଆଦିତ୍ୟ ମାନଙ୍କ ପିତୃତ୍ୱ ପାଇବା ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ଅଦିତି ପ୍ରତ୍ୟେକ ଥର ଗର୍ଭବତୀ ହେବା ପୂର୍ବରୁ ଭଗବାନ ବିଷ୍ଣୁଙ୍କ ନାମରେ ବ୍ରତ ରଖନ୍ତି । ଦୀନ, ଦୁଃଖୀ, ଦରିଦ୍ର ମାନଙ୍କୁ ଅନ୍ନ, ବସ୍ତ୍ର ଦାନ କରନ୍ତି । ମନରୁ କ୍ରୋଧ, ଈର୍ଷା , ଲୋଭ, ମୋହ, ମାୟା ଓ ବାସନା ତ୍ୟାଗ କରନ୍ତି । କଶ୍ୟପଙ୍କର ପଦସେବା କରି ମନ୍ତ୍ରପୁତ ଭାବେ ଶୟନ କରନ୍ତି । ଦିତିଙ୍କର ଆଚରଣ ଯେପରି ସ୍ୱତଃ କହିଉଠେ, ହେ, ପ୍ରଜା ପତି ! ମୁଁ ତୁମର ଉପଭୋଗ୍ୟା ନାରୀ ନୁହେଁ । ମୁଁ ତୁମର କାମ କ୍ରୀଡ଼ାର କ୍ରୀଡ଼ନକ ନୁହେଁ, ବିଳାସର ସାମଗ୍ରୀ ନୁହେଁ, ବିଜ୍ଞା ନ ଗବେଷଣାର ଉପାଦାନ ନୁହେଁ । ମୁଁ ସେହି ଜ୍ୟୋତିର୍ମୟୀ ଆର୍ଯ୍ୟ ଜନନୀ । ଜନନୀ ରୂପରେ ମୁଁ ସର୍ବସଂହା ! ତ୍ୟାଗ ଏବଂ ମମତାର ପ୍ରତିମୂର୍ତ୍ତି । ତୁମ ସହିତ ମୋର ମିଳନ କେବଳ ଉଚ୍ଚ ଚେତନା ଯୁକ୍ତ, ଅସୀମ ଶକ୍ତିଶାଳୀ, ଧର୍ମପ୍ରାଣ,ବିଶ୍ୱର ଶୁଭ ଦାତ୍ତା ଉପକାରୀ ଦେବତା ମାନଙ୍କର ଜନ୍ମ ପାଇଁ ଉଦ୍ଦିଷ୍ଟ । ନାରୀ ପ୍ରିୟା କନ୍ୟା, ଜାୟା, ଜନନୀ, ଭଗିନୀ ଓ ସଖୀ ରୂପରେ ପୁରୁଷର ପ୍ରେରଣା ଦାୟିନୀ ହେଲେ ମଧ୍ୟ ଜନନୀ ରୂପହିଁ ତାର ଜୀବନର ସାର୍ଥକତା ଓ ତାର ପୂର୍ଣ୍ଣତା । ତାର ଗର୍ବ ଓ ଗୌରବ ହେଉଛି ତାର ସନ୍ତାନ ମାନଙ୍କର ଦକ୍ଷତା !!

ହଁ , କଶ୍ୟପ ମଧ୍ୟ ତଦନୁରୂପ ସମ୍ମାନରେ ସମ୍ମାନୀତାକରିଛନ୍ତି ଅଦିତିଙ୍କୁ । ଅଦିତିଙ୍କ ନିକଟରେ ସେ ସମର୍ପିତ । ଅଦିତିଙ୍କ ପ୍ରତ୍ୟେକ କାର୍ଯ୍ୟ ଓ ସହଚାର୍ଯ୍ୟ ତାଙ୍କ ଦାମ୍ପତ୍ୟ ଜୀବନ ପାଇଁ ଶୁଭଙ୍କର । ସେ ତାଙ୍କ ଉପଯୁକ୍ତା ସହଧର୍ମିଣୀ, ସହକର୍ମିଣୀ, ସହମର୍ମିଣୀ । ନିଜର ଅସାଧାରଣ ସୌନ୍ଦର୍ଯ୍ୟରେ, ଯେଉଁ ସୌନ୍ଦ ର୍ଯ୍ୟ କି କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ଏକ ଅନ୍ତର୍ନିହିତ ସୌନ୍ଦର୍ଯ୍ୟରେ, ଗୁଣରେ, ଆଚରଣରେ କର୍ମରେ ଧର୍ମରେ ସେ ଅଦ୍ୱିତୀୟା । ସେ କଲ୍ୟାଣ ମୟୀ ଜନନୀ । ତାଙ୍କର ସ୍ୱାମୀ ହେବା ଅପେକ୍ଷା ତାଙ୍କୁ ନିଜର ସ୍ୱାମିନୀ ଭାବେ ଗ୍ରହଣ କରି ନେବାରେ ହିଁ କଶ୍ୟପ ଙ୍କର ଥିଲା ଅଧିକ ସନ୍ତୋଷ ।

ଇତି ମଧ୍ୟରେ ଅଦିତିଙ୍କ ଠାରୁ ବୈଶାଖ ମାସରେ ଅର୍ଯ୍ୟମା, (ଆର୍ଯ୍ୟ କ୍ଷତ୍ରିୟ) ଜ୍ୟୋଷ୍ଠ ମାସରେ ମିତ୍ର( ବଙ୍ଗାଳୀ ବ୍ରାହ୍ମଣ),ଆଷାଢ଼ ମାସରେ ବରୁଣ (ଜଳ ଅଧିପତି ବୋର୍ଣ୍ଣିଓ) ଶ୍ରାବଣ ମାସରେ ଶକ୍ର,(ଇନ୍ଦ୍,ଦେବରାଜ),ଭାଦ୍ରବ ମାସ ରେ ବିବସ୍ୱାନ,ଆଶ୍ୱିନ ମାସ ରେ ପୁଷା, କାର୍ତ୍ତିକ ମାସରେ ପର୍ଯ୍ୟନ, ମାର୍ଗଶିର ରେ ଅଂଶୁମାନ, ପୌଷରେ ଭଗ(ଦେବ ସଭାର ଭଗବାନ, ଭଗ ମାନଙ୍କଠାରୁ ସାଣ୍ଡାଲ୍ୟ ବ୍ରାହ୍ମଣ), ମାଘରେ ତ୍ୱଷ୍ଟ । (ପୁରୋହିତବ୍ରାହ୍ମଣ) ଫାଲଗୁନରେ ଉରୁକ୍ରମ (ଅବତାର) ଚୈତ୍ରରେ( ଅଶ୍ୱମେଧ ଯଜ୍ଞ ପୁରୋଧା ) ଧାତା ଜନ୍ମ ଲାଭ କରି ଥି ଲେ ।ଏହି ପର୍ଯ୍ୟନ ଓ ଅଂଶୁମାନଙ୍କ ଅନ୍ୟ ନାମ ସବିତା(ସମସ୍ତ ବ୍ରାହ୍ମଣ) । ଅଦିତି ନିଜର ଦିବ୍ୟ ଗୁଣରେ ତାଙ୍କ ସନ୍ତାନ ମାନଙ୍କୁ ଲାଳନ ପାଳନ କରିଥିଲେ । ଶିକ୍ଷା ଦେଇଥିଲେ । ସେମାନେ ସମସ୍ତେ ବିଶ୍ୱର ମଙ୍ଗଳ ନିମିତ୍ତ ନିଜ ଜୀବ ନକୁ ଉତ୍ସର୍ଗ କରିଥିଲେ । ସେମାନେ ସମସ୍ତେ କ୍ରୋଧ, ଈର୍ଷା , ହିଂସା, ପରଶ୍ରୀ କାତରତା, ମିଥ୍ୟା ଆଦି ପରିତ୍ୟାଗ କରି ନ୍ୟାୟୀ, ଧାର୍ମିକ, ବୀରଯୋଦ୍ଧା ଥିଲେ ଏବଂ ବ୍ରାହ୍ମଣ, ବେଦ, ବିବୁଧ, ବୃକ୍ଷ, ବ୍ରହ୍ମ ବା ସତ୍ୟ , ଶାନ୍ତି, ଅହିଂସା , ବୃଦ୍ଧ, ବାଳ , ବନିତା, ମୁନୀ, ଋଷି, ଧେନୁ ସନ୍ନ୍ୟାସୀ ଓ ସାଧୁସନ୍ଥ ମାନଙ୍କର ପୃଷ୍ଠପୋଷକତା କରୁଥିଲେ । ସେମାନଙ୍କ ନାମରେ ଆକାଶ ରେ ବିଭିନ୍ନ ସ୍ଥାନ ରେ ଅବସ୍ଥାନ କରୁଥିବା ସୂର୍ଯ୍ୟ ମାନଙ୍କ ନାମ କରଣ କରାଯାଇଥିଲା । ନିଜର ଦିବ୍ୟ ଗୁଣରେ ଅଦିତି ତାଙ୍କର ସନ୍ତାନ ମାନଙ୍କୁ ଲାଳନ,ପାଳନ କରିଥିଲେ । ତାଙ୍କର ଦିବ୍ୟ ଗୁଣର ପ୍ରଭାବରେ ତାଙ୍କର ସନ୍ତାନ ମାନେ ଅତ୍ୟନ୍ତ ଶାନ୍ତ, ଶୀଳ, ଭଦ୍ର ଏବଂ ନମ୍ର ଥିଲେ । ସେମାନେ ଅନ୍ତର୍ବିଜ୍ଞାନ ପ୍ରତି ଅତୀବ ଅନୁରାଗୀ ଥିଲେ । ପିତା ଏବଂ ମାତା ଉଭୟଙ୍କୁ ସେମାନେ ଭଗବାନଙ୍କ ସଦୃଶ ସମ୍ମାନ କରୁଥିଲେ । ବିମାତା ମାନଙ୍କୁ ଠିକ ନିଜ ମାତାଙ୍କ ସମାନ ସମ୍ମାନ ଦେବାପାଇଁ ଅଦିତି ତାଙ୍କୁ ଶିକ୍ଷା ଦେଇଥିଲେ । ନିଜ ନିଜ ଗୁରୁଜନ ମାନଙ୍କ ବିପକ୍ଷରେ ସେ ସେମାନଙ୍କୁକୁ ପରାମର୍ଶ ଦେଉ ନଥିଲେ । ବୈମାତୃକ ଭାଇ ମାନଙ୍କ ସହିତ କଳହ ଏବଂ ପକ୍ଷ ପାତୀତା କରିବାକୁ ସେମାନେ ଘୃଣା କରୁ ଥିଲେ । ସେମାନଙ୍କୁ ସାତ ବର୍ଷ ବୟସ ହେବାରୁ ପିତା ଓ ମାତା ସେମାନଙ୍କୁ ବେଦ ଅଧ୍ୟୟନ, ଜ୍ଞାନ, ବିଜ୍ଞାନ,ଯୋଗ ଓ ଧର୍ମଯୁଦ୍ଧ ଶିକ୍ଷା ନିମିତ୍ତ ଗୁରୁଙ୍କ ଆଶ୍ରମକୁ ପଠାଇଦେଲେ । ଦିତିଙ୍କ ସନ୍ତାନମାନେ କଣ ବିଦ୍ୟାଳୟକୁ ଯାଇନଥିଲେ ?

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଏମିତି ଗପିବା

ଲତିକା ମହାପାତ୍ର


ଆସନା ଟିକେ ମୋ ପାଶେ
କହିଦେଲି ମୋ ରାଣ
ଜମ୍ମାରୁ ଦେଖିବନି ଘଡି
ବସ ମୋ ପାଖେ ବସ
ଉଦ୍ଦେଶ୍ୟହୀନ ଭାବେ ଗପିବା
ଏମିତି ଇଆଡୁ ସିଆଡୁ
ମୁଁ ସଜାଡି ଦେବି
ତମ ଲୋଚା କୋଚା ସାର୍ଟ
ତମେ ଟିକେ ମୋ ମଥାର ଅଲରା କେଶ
ମୋତେ ପଚାରିବନି ଜୀବନର ଲକ୍ଷ୍ୟ
ରାଜଧାନୀରେ ପ୍ଲଟ ଅବା ଜମିବାଡ଼ି କଥା
ଜମ୍ମାରୁ ପଚାରିବନି ମୁନୁର ପରସେଣ୍ଟେଜ
କି ପିଣ୍ଟୁର ପ୍ୟାକେଜ
ମୁଁ ବି ଆଦୌ ଜାଣିବାକୁ ଚାହେଁନା
ତମର ମାରୁତି କି ମାର୍ସିଡିଜ
ଖାଲି ଇଆଡୁ ସିଆଡୁ ଗପିବା
ମୋ ଘର ପାଖ ଆମ୍ବ ଗଛରେ
ଖୁବ୍ ବଉଳ ଏ ସନ
ଆଉ ମୋ ନିତିଦିନିଆ
ରାସ୍ତା କଡେ ବହୁତ ପଳାଶ
ମିସ କରୁଥିଲି, ହେଲେ ସେମାନେ
ଫୁଟି ମୋ ମନ ଖୁସି କରିଦେଲେ
ଆଚ୍ଛା, ତମ ସହରରେ ଏବେ କଣ
ଟିକେ ଟିକେ ଗରମ ହେଲାଣି
ମୁଁ ତ ବାବା ଭୋର ପାହାନ୍ତାରେ
ଦେହରେ ଢାଙ୍କିଦେଉଛି ପତଳା ଚଦର
ଖୁବ ଶୁଣୁଛି ଜଗଜିତ ଆଉ ଲତାଙ୍କୁ
ଆଉ ତମେ କଣ ଏବେ ବି ଶୁଣୁଛ
ରଥର ଚକା ଚାଲେ ଘିଡ଼ି ଘିଡ଼ି ?
ଏବେ ବି ଗେଲ୍‌ହା କରୁଚ
ରାସ୍ତା କଡ଼ ବୁଲା କୁକୁରଙ୍କୁ ?
ହୁଁ ମୁଁ ଗେଟ ଖୋଲିଲେ
ଦୁଇଟି ଗୁଲଗୁଲିଆ ଛୁଆ କୁକୁର
ମୋ ଗେଲ୍‌ହା ଖୋଜୁଛନ୍ତି
ମାଛ ଭାତ ଖୁବ୍ ଖାଇ..
ଜମ୍ମା ଯଦି ଜଲ୍‌ଦି ଫେରିଯିବି କୁହନି
ମୋର ଗପିବାକୁ ଅଛି
ଆଉ ଶୁଣିବାକୁ ଅଛି
ତୁମଠୁ ଅନେକ କିଛି ।

+ତାଳଚେର

# ମୁହଁ ଉପରେ ଜବାବ

ଦିପ୍ତିମୟୀ ନାୟକ

ଅନେକ ଲୋକ ନିଜ ମନର କଥାକୁ ମନରେ ରଖନ୍ତିନି ସେଥିପାଇଁ ସେମାନେ ଯେତେବେଳେ ଯାହା ଶୁଣନ୍ତି ଭଲ ଲାଗିଲେ ଭଲ କଥା ଖରାପ ଲାଗିଲେ ଖରାପ କଥା ବୋଲି ମୁହେଁ ମୁହେଁ କହିଦେଇଥାନ୍ତି କିନ୍ତୁ ଏହି ମୁହେଁ ମୁହେଁ କଥା କହିବା ଅଭ୍ୟାସ ବେଳେବେଳେ କିଛି ଲୋକଙ୍କୁ ବିପଦରେ ପକେଇପାରେ କାହିଁକି ନା ଯେଉଁମାନେ ମୁହେଁ ମୁହେଁ କୁହନ୍ତି ସେମାନଙ୍କୁ କିଛି ଲୋକ ପସନ୍ଦ କରନ୍ତିନି । ସେଥିପାଇଁ ସେମାନେ ସେମାନଙ୍କ ଆଗରେ ତ କିଛି କଥା କୁହନ୍ତିନି କିନ୍ତୁ ସେମାନଙ୍କ ପଛରେ ବଡ଼ ବଡ଼ ଷଡଯନ୍ତ୍ର କରିଥାଆନ୍ତି । କେମିତି ଏମାନଙ୍କ ମୁହଁ ବନ୍ଦ କରିବା ହେଲେ କଣ ହେବ ଯେଉଁମାନେ ମୁହେଁ ମୁହେଁ ସତ କଥା କହିବା ଅଭ୍ୟାସ ରଖିଥାଆନ୍ତି ସେମାନେ କେବେ ଭୟ କରନ୍ତିନି ସତ କଥା କହିଦେଲେ କିଏ ବା କେଉଁ ବିପଦରେ ପକେଇ ପାରିବ । କାହିଁକି ନା ସେମାନେ ପ୍ରତି ମୁହୂର୍ତ୍ତରେ ସେହି ବିପଦକୁ ସାମ୍ନା କରିଛନ୍ତି ଯେଉଁ ବିପଦକୁ ଡରି ଅନ୍ୟମାନେ ମୁହଁ ବନ୍ଦ କରି ଚୁପ ହୋଇ ବସି ଥାଆନ୍ତି ।



ତେବେ ଯଦି ଆପଣ ମୁହେଁ ମୁହେଁ କହିବା ଅଭ୍ୟାସ ରଖିଛନ୍ତି ତେବେ ସେଟା ଆପଣଙ୍କ ପାଇଁ ଭଲ କଥା କାହିଁକି ନା ମୁହେଁ ମୁହେଁ ସେହିମାନେ ଜବାବ ଦିଅନ୍ତି ଯେଉଁମାନେ ଅନ୍ୟାୟକୁ ପ୍ରତିବାଦ କରନ୍ତି । ନିଜ ପାଇଁ ସ୍ୱର ଉଠେଇବା ସହ ଅନ୍ୟ ପାଇଁ ସ୍ୱର ଉଠେଇବାର ସକ୍ଷମ ନିଜ ପାଖରେ ରଖିଥାଆନ୍ତି । କଥାରେ ଅଛି ଚୁଚୁନ୍ଦ୍ରା ହେବା ଅପେକ୍ଷା ମୂଷା ହେବା ବହୁତ ଭଲ କାରଣ ଚୁଚୁନ୍ଦ୍ରା ଗନ୍ଧକୁ ତ ଲୋକେ ଘୃଣା କରନ୍ତି ହେଲେ ମୂଷାକୁ କେହି କେବେବି ଘୃଣା କରନ୍ତିନି । ସବୁବେଳେ ମୂଷା ହେବାକୁ ଚେଷ୍ଟା କର ପଛେ କିନ୍ତୁ ଚୁଚୁନ୍ଦ୍ରା ହେବାକୁ କେବେବି ଇଚ୍ଛା କରନି । ଆମ ସମାଜରେ ଆଜିବି କିଛି ଲୋକ ଚୁଚୁନ୍ଦ୍ରା ପରି ଅଛନ୍ତି ଯେଉଁ ଲୋକ ଗୁଡାକୁ ଭଲ କହିଲେ ତାଙ୍କ ମନର ଦୁର୍ଗନ୍ଧ ହିଁ ଜଣେଇ ଦେବ ଏମାନେ କେଡେ ଚୁଚୁନ୍ଦ୍ରା ପ୍ରକୃତିର ଲୋକ ବୋଲି ତେଣୁ ଏମାନଙ୍କ ସହ ବାରମ୍ବାର ଯୁକ୍ତି କରିବା ଏମାନଙ୍କ ମୁହଁ ଉପରେ ବାରମ୍ବାର ଜବାବ ଦେଇ ଏମାନଙ୍କୁ ଯେଉଁମାନେ ସାବଡ଼ କରିବାକୁ ଚାହଁୁଛନ୍ତି ସେମାନଙ୍କ ପାଇଁ ଭଲ ହେବ ଏଭଳି ଲୋକଙ୍କ ସହ ଅଯଥା ଯୁକ୍ତି ନକରି ଏମାନଙ୍କ ମୁହଁ ଉପରେ ଜବାବ ନଦେଇ ଏମାନଙ୍କୁ ଗୁରୁତ୍ୱ ନଦେବାପାଇଁ ପ୍ରୟାସ ଏମାନଙ୍କ ପାଇଁ ଶ୍ରେଷ୍ଠ ଉପାୟ ହେବ । ହେଲେ ମଣିଷ ମନ ବୁଝେନି ଯିଏ ଅନ୍ୟାୟକୁ ପ୍ରତିବାଦ କରେ ସେ କେମିତି ଏମାନଙ୍କୁ ପ୍ରତିବାଦ କରିପାରିବନି ବୋଲି ଚେଷ୍ଟା କରେ କିନ୍ତୁ କଣ ହେବ ଏମାନଙ୍କର ଗୋଟେ ବର୍ଦ୍ଧପାଗଳ ଗୋଷ୍ଠି ଥାଏ ଯେଉଁ ପାଗଳ ଗୋଷ୍ଠୀଙ୍କ ଭିତରେ ଏମାନଙ୍କ ନାମ ସର୍ବଶ୍ରେଷ୍ଠ ସ୍ଥାନରେ ଥାଏ । ଏମାନଙ୍କ ହଁରେ ଯିଏ ହଁ ମାରିଲା ସେ ପ୍ରିୟ ହୋଇ ରହିଲା ଆଉ ଯିଏ ଏମାନଙ୍କ ହଁରୁ ନାକୁ ପରିବର୍ତ୍ତନ କଲା ସେ ଏ ଦୁନିଆର ସବୁଠାରୁ ବଡ଼ ଶତ୍ରୁ ହୋଇଗଲା । ଶତ୍ରୁ ହୁଅନ୍ତୁ ପଛେ କିନ୍ତୁ ଏମାନଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁନି କାରଣ ଜଣେ ଦୁଇଜଣ ଯଦି ପାଗଳ ହେବେ ଅନ୍ୟ ମାନେ ତ ପାଗଳ ନୁହଁନ୍ତି ନା ତାହେଲେ କାହିଁକି ନିଜ ମନକୁ ଛୋଟ କରୁଛନ୍ତି । ସବୁବେଳେ ନିଜ ଇଚ୍ଛାରେ ମାଲିକ ହୁଅ । ଭୁଲ ଥିଲେ ମୁଣ୍ଡ ନୁଆଇଁ ଦିଅ ଠିକ ଥିଲେ ମୁଣ୍ଡକୁ ଉପରକୁ କରି ଠିକ ଭୁଲର କଥା କୁହ ।

ସବୁ ସମୟ ସମୟର କଥା ହୁଏତ ବର୍ଦ୍ଧପାଗଳଙ୍କ ଗୋଷ୍ଠୀ ସଂଖ୍ୟା ବୃଦ୍ଧି ପାଇଛି ହେଲେ ଆଜିବି କିଛି ଭଲ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ଭାବନାକୁ ବୁଝି କଅଁଳିଆ କଥା କହି ମନକୁ ସାନ୍ତ୍ୱନା ଦେଇପାରନ୍ତି । ଏ ଦୁନିଆରେ ଆମେ ଯଦି କାହାକୁ ଭଲ କହିବା ଆଗରୁ ଆଗ ନିଜକୁ ଭଲ ମଣିଷ ଭାବରେ ଗଢି ତୋଳିବା ଉଚିତ କାରଣ ନିଜେ ଭଲ ମଣିଷ ହେଲେ ଦୁଷ୍ଟ ଲୋକଙ୍କୁ କଥାରେ କଥାରେ ଘାଇଲା କରି ହେବ । ଯଦି ଆପଣ ସତ କଥା କହି ପରେ ଭାବୁଛନ୍ତି ମୋ କଥା ମୋ ଉପରେ ମହଙ୍ଗା ପଡିଲା ତେବେ ଦୁଃଖ କରନାହିଁ । ଆପଣଙ୍କ ସତ ହିଁ ଆପଣଙ୍କର ନୂଆ ଏକ ପରିଚୟ । ସବୁବେଳେ ସତ କହୁଥିବା ଲୋକଙ୍କୁ ଲୋକେ ଭଲ ପାଆନ୍ତି ମିଛୁଆ ଲୋକଙ୍କ ପାଇଁ ତ ସବୁବେଳେ ନିନ୍ଦା ଅପବାଦ ସଜାଡିକି ରଖିଥାଆନ୍ତି ।

+ଅନ୍ଧାରୁଆ, ଭୁବନେଶ୍ୱର

ମୋ: ୯୦୯୦୬୬୧୫୮୬

# ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୦୪/୩ (ନି.ପ୍ର): ଜୁନ୍ ୨୭ ତାରିଖରେ ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଦେବସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗତ ରଥଯାତ୍ରାର ଅଭିଜ୍ଞତାକୁ ଉପଯୋଗ କରି ଚଳିତ ବର୍ଷ ସମସ୍ତ କାର୍ଯ୍ୟକୁ ସମ୍ମିଳିତ ଉଦ୍ୟମରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସପି ବିନୀତ ଅଗ୍ରୱାଲ ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା ର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥାର ସମୀକ୍ଷା ଇତ୍ୟାଦିକୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଅକ୍ଷୟ ତୃତୀୟା ତିଥିରେ ରଥକାଠ ଅନୁକୂଳ ଅପ୍ରେଲ ୩୦ ତାରିଖରେ, ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧, ଶ୍ରୀଗୁଣ୍ଡିଚା ଜୁନ ୨୭, ସନ୍ଧ୍ୟା ଦର୍ଶନ ଜୁଲାଇ ୪, ବାହୁଡା ଜୁଲାଇ ୫, ସୁନାବେଶ ଜୁଲାଇ ୬, ଅଧରପଣା ଜୁଲାଇ ୭ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକ ଥିବା ବେଳେ ଗତବର୍ଷ ର ୫୧ ଖଣ୍ଡ ବଳକା କାଠ ଥିବାରୁ ଅବଶିଷ୍ଟ ୮୧୪ ଖଣ୍ଡ କାଠର ଆବଶ୍ୟକତା ରହିଛି। ଇତି ମଧ୍ୟରେ ୧୦୧ ଖଣ୍ଡ କାଠ ପହଂଚି ସାରିଛି। ସେହିପରି ଅନ୍ୟାନ୍ୟ ରଥଯାତ୍ରା ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରାଯାଉଛି ବୋଲି ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି,ସୁଶୀଲ ମିଶ୍ର, ଦେବୀ ଶଙ୍କର ପ୍ରତାପ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ମନୀଷା ଷଡ଼ଙ୍ଗୀ, ବିଭିନ୍ନ ବିଭାଗର ଅଧିକାରୀ, ଆରକ୍ଷୀ ବାହିନୀର ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜଗନ୍ନାଥ ସାଗରର ବିକାଶ ନିଶ୍ଚୟ ହେବ: ବିଧାୟକ ତାରା

ଜୟପୁର,୦୪/୩ (ନି.ପ୍ର): ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗର ରାଜ୍ୟର ଏକ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳି ହେବ ବୋଲି ଆଜି ବିଧାୟକ ତାରା ପ୍ରସାଦ ବାହନିପତି ସୂଚନା ଦେଇଛନ୍ତି। ଆଜି ଜୟପୁର ଲକ୍ଷ୍ ?ମୀ ନଗର ବାସଭବନରେ ଏକ ସାମ୍ବାଦିକ ସମ୍ମିଳନି ଆୟୋଜିତ କରି ବିଧାୟକ ବାହିନିପତି ଏହି ସୂଚନା ଦେଇଛନ୍ତି। ସାଗର ପୁନଃ ଉଦ୍ଧାର ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୯ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ୧୦ ଦିନ ଭିତରେ ଟେଣ୍ଡର ବାହାରିବ। ଏହି କାର୍ଯ୍ୟକୁ ରାସ୍ତା ଓ ଗୃହ ବିଭାଗ, ଇରିଗେସନ ବିଭାଗର ନିର୍ବାହୀଯନ୍ତ୍ରୀ ଓ ପୌରପାଳିକା ଏହାର ତଦାରଖ କରିବେ। ପଙ୍କ ଉଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ନୂତନ ଡିପିଆର ପ୍ରସ୍ତୁତ କରାଯାଇ କାର୍ଯ୍ୟ କାରାଯାଉଛି। ବିଗତ ଦିନରେ ସାଗର ବିକାଶ ପାଇଁ ଜଗନ୍ନାଥ ସାଗର ଟ୍ରଷ୍ଟ ଜଗନ୍ନାଥ ସାଗର ସଂଘର୍ଷ ସମିତି ଧାରଣା ଦେଇଥିଲେ। ଏହାତୁ ବିଧାୟକ ବାହୀନିପତି ସ୍ୱାଗତ କରିଥିବା ବେଳେ ବିକାଶ କାର୍ଯ୍ୟରେ ରାଜନୀତି ନକରିବାକୁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ସଦସ୍ୟ ମାନେ ଜବର ଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ। ଏହାକୁ ବିଧାୟକ ପ୍ରଶ୍ନ କରିଛନ୍ତି ବାହିନିପତିର ଅମଳରେ ଜବର ଦଖଲ ହୋଇ ନାହିଁ। ଯେଉଁ ମାନେ ଜବର ଦଖଲ କରି ସାଗରରେ ମାଟି ପକାଇ ବିଜୁ ଭେଣ୍ଡି ଜୋନ, ଜୟନଗରରେ ଷ୍ଟଲ, ବସ୍ ଟର୍ମିନାଲ କରିଥିଲେ। ସେମାନେ ନିଜ ଦୋଷ ଲୁଚାଇବା ପାଇଁ ଜବର ଦଖଲ ବୋଲି ପାଟି କରୁଛନ୍ତି। ସଗାରର ବିକାଶ ପାଇଁ ସମସ୍ତ ସଂଗଠନ ଦାବି କରିବା ପରେ ବାରମ୍ବାର ବିଧାନସଭାରେ ବିଧାୟକ ବାହିନିପତି ଦାବି କରିବାରେ ପୂର୍ବ ସରକାରର ଏକ ଟିମ ବାରମ୍ବାର ଗସ୍ତ କରି ଟଙ୍କା ମଞ୍ଜୁର କରିଥିଲେ। ଓ ଏଏଚଜି ଗ୍ରୁପ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶକୁ ଜୟପୁର ପୌର ଅଧିକାରି ଓ ଜନ ପ୍ରତିନିଧି ମାନେ ସହମତି ପ୍ରକାଶ କରିଥିଲେ। ପରବର୍ତ୍ତି ସମୟରେ ସରକାର ବଦଳିଗଲେ। ଦୁର୍ନିତି ହୋଇଥିବା ନେଇ ଅଭିଯୋଗ ହେବାପରେ ୩ ଜଣିଆ ଟିମ ସମିକ୍ଷା କରି ଫେରିଛନ୍ତି। ବାରମ୍ବାର ଦାବି କରିବା ପରେ ପୁଣି ସରକାର ଟଙ୍କା ମଞ୍ଜୁର କରଛନ୍ତି। ବିଧାୟକ ବାହିନିପତି ସାଗରର ବିକାଶ ପାଇଁ ବାରମ୍ବାର ବିଧାନସଭାରେ ଦାବି କରିଥିଲେ। ସାଗରର ବିକାଶ ନିଶ୍ଚୟ ହେବ ବୋଲି ସେ ଜୟପୁର ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଧିରେ ଧିରେ ଜଗନ୍ନାଥ ସାଗରର ରୁପରେଖ ବଦଳିବ, ପର୍ଯ୍ୟଟନ ସ୍ଥଳି ଭାବେ ଉଭା ହେବ। ସାଗରର ବିକାଶ ପାଇଁ ଟଙ୍କାର ଅଭାବ ରହିବ ନାହିଁ ବୋଲି ବିଗତ ଦିନରେ ବିଧାୟକ ବାହୀନିପତି ସୂଚନା ଦେଇଥିଲେ। ଅତ୍ୟାଧୁନିକ ରୁପେ ସାଗରକୁ ପୁନଃ ଉଦ୍ଧାର କରାଯାଇ ନିର୍ମାଣ ହେବ। ଯାହାକି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳି ହେବ। ଏହାଦ୍ୱାରା ଜୟପୁରର ମଧ୍ୟ ବିକାଶ ହେବ। ଏହାକୁ ପୁନଃଉଦ୍ଧାର କରିବା ପାଇଁ ବିଭିନ୍ନ ସଂଗଠନ ତରଫରୁ ଦାବୀ କରାଯାଇଥିଲା। ଟେଣ୍ଡର ହେବାର ୩ ମାସ ଅର୍ଥାତ ବର୍ଷା ପୂର୍ବରୁ ଉଦ୍ଧାର କାର୍ଯ୍ୟ ଶେଷ ହେବ। କୋରାପୁଟ ଜିଲାପାଳ ଓ ଜୟପୁର ଉପ ଜିଲାପାଳ ଏହାର ତଦାରଖ କରିବେ।

# ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ : ସୁନ୍ଦରିଆ ଟିମ୍ ଚମ୍ପିଆନ୍

ଧର୍ମଶାଳା,୦୫/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦରଜୀଉ ଖେଳପଡିଆ ଠାରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଅବସରରେ ଏମସିସି କଂଟିଗଡିଆ କ୍ରିକେଟ୍ ଟିମ୍ ଓ ଏନଏଲଓ୍ୱାଇସି ସୁନ୍ଦରିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଂଟିଗଡିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଓ୍ୱିକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସୁନ୍ଦରିଆ ଦଳ ୩ ଓ୍ୱିକେଟ ହରାଇ ୧୧ ଓଭରରେ ୧୭୯ ରନ୍ ସଂଗ୍ରହ କରି ଚମ୍ପିଆନ ହୋଇଥିଲା। ପୂର୍ବାହ୍ନରେ ଦୁଇଗୋଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମିର୍ଜାପୁର ଏବଂ ସୁନ୍ଦରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ସୁନ୍ଦରିଆ ବିଜୟୀ ହେବା ସହିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗଙ୍ଗାଧରପୁର ଏବଂ କଂଟିଗଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କଂଟିଗଡିଆ ବିଜୟୀ ହୋଇ ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସ୍ୱରୁପାନନ୍ଦ ପଣ୍ଡା ମୁଖ୍ୟଅତିଥି ଏବଂ ବିଶିଷ୍ଟ ସମାଜସେବିକା ମୀନତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଜେତା ସୁନ୍ଦରିଆ ଦଳ ଓ ଉପବିଜେତା କଂଟିଗଡିଆ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମାଜସେବୀ ଅଭିମନ୍ୟୁ ଧଳ ପୁରସ୍କାର ବିତରଣି ଉତ୍ସବକୁ ସଂଯୋଜନା କରିଥିଲେ।

# ଗୋପାଳଜୀ ଯୋଗାଶ୍ରମରେ 'ବହୁଭାଷୀ' ପୁସ୍ତକ ଉନ୍ମୋଚିତ

ସୁବର୍ଣ୍ଣପୁର,୦୪/୩ (ନି.ପ୍ର): ସୋନପୁର ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାର ସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଶ୍ରମ ଠାରେ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ.ସନ୍ତୋଷ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଡ.ଦଧିବାମନ ମିଶ୍ର, ମୁଖ୍ୟ ଅତିଥି ଭାବରେ ସାହିତ୍ୟିକ ଗୋରେଖ ନାଥ ସାହୁ ଏବଂ ସମ୍ମାନୀତ ଅତିଥି ଭାବରେ ଡ଼.ଗୋବର୍ଦ୍ଧନ ନାୟକ, କହ୍ନେୟା ଲାଲ୍ ଜୀ, ରତନ୍ ଲାଲ୍ ଜୀ ଯୋଗଦେଇ ଗ୍ରନ୍ଥକାର ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା ଙ୍କର ବହୁ ଚର୍ଚ୍ଚିତ ସାରସ୍ୱତ ସୃଜନ ଗେଟ ଓ୍ୱେ ଅଫ ଲର୍ନିଂଗ 'ବହୁଭାଷୀ' ପୁସ୍ତକକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ଗ୍ରନ୍ଥାକାର ଶ୍ରୀ ପଣ୍ଡା ପୁସ୍ତକ ରଚନାର ପୃଷ୍ଠଭୂମି, ଉଦ୍ଦେଶ୍ୟ, ଅଭିଜ୍ଞତା ଓ ଆଭିମୁଖ୍ୟ ପ୍ରକାଶ କରି ପାଠକଙ୍କ ନିମନ୍ତେ ଏହା ଲୋକାର୍ପଣ କରିଥିଲେ। ପ୍ରାଧ୍ୟାପକ ଡ଼କ୍ଟର ଜ୍ୟୋତି ରଞ୍ଜନ ବହିଦାର ଅତ୍ୟନ୍ତ ନିଖୁଣ ତଥା ପ୍ରାଞ୍ଜଳ ଭାବରେ ପୁସ୍ତକଟିକୁ ସମୀକ୍ଷା କରିଥିଲେ। ଡ଼କ୍ଟର ଆର୍ତ୍ତତ୍ରାଣ ବାବୁ ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ଅତିଥିଙ୍କ ସହିତ ସମସ୍ତ କବି, ଲେଖକ, ସାହିତ୍ୟିକ, ସଜ୍ଜନ ମଣ୍ଡଳୀଙ୍କୁ ଧନ୍ୟବାଦ୍ ତଥା କୃତଜ୍ଞତା ଜଣାଇବା ସହିତ ଲେଖକ ଶ୍ରୀ ପଣ୍ଡାଙ୍କୁ ମଧ୍ୟ ମହତ୍, ଅଭିନବ ଓ ସୁନ୍ଦର ପ୍ରୟାସ ପାଇଁ ଅଭିନନ୍ଦନ ଜ୍ଞାନ କରିଥିଲେ।

# ପ୍ରଦୂଷଣକାରୀଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚେତାବନୀ

ରାଉରକେଲା,୦୪/୩ (ନି.ପ୍ର): ପ୍ରଦୂଷଣ ନିୟମ ସଠିକ ଭାବେ ପାଳନ କରୁନଥିବା ଶିଳ୍ପ ଓ ଅନ୍ୟ ଅନୁଷ୍ଠାନ ବିରୁଦ୍ଧରେ ଆକ୍ରମ ମୋଡ଼ରେ ଆସିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି )। ବିଭିନ୍ନ ପ୍ରଦୂଷଣ କାରୀଙ୍କୁ ବୋର୍ଡ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଉରକେଲା ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଇତିମଧ୍ୟରେ ୭୮ଟି ଶିଳ୍ପ ଓ ଅନ୍ୟ ଅନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ (ସୋ'କଜ ନୋଟିସ) ହୋଇଥିବା ବେଳେ ୧୧ଟି ସଂସ୍ଥାକୁ କ୍ଲୋଜର ନୋଟିସ ଦିଆଯାଇଛି। ସେଥି ମଧ୍ୟରେ କାଲୁଙ୍ଗା ଅଂଚଳର ରାଜେଶ ସାହାଣୀ, ଦାସ ଏଂଟରପ୍ରାଇଜେସ୍, କୁଆଁରମୁଣ୍ଡାର ପାଲ ମେଟାଲ ଇଣ୍ଡଷ୍ଟ୍ରିଜ, ସ୍ୱସ୍ତିକ ଇସ୍ପାତ ପ୍ରା. ଲିମିଟେଡ଼ ସମେତ ଉତ୍କଳ ମେଟ୍ରିକ୍ସ ପ୍ରା. ଲିମିଟେଡ଼, ଶ୍ରୀ ଜଗନ୍ନାଥ ଟ୍ରେଡରସ, ସ୍କାନ ଷ୍ଟିଲ ଲିମିଟେଡ଼, ଗାଙ୍ଗପୁର ମିନେରାଲସ, ଶ୍ରୀରାମ ମିନେରାଲସ ଓ ମା' କାଳି ଇଣ୍ଡଷ୍ଟ୍ରିଜକୁ କ୍ଲୋଜର ନୋଟିସ ଦିଆଯାଇଛି କ୍ଷବିଶେଷ କରି କଲୁଙ୍ଗା, କୁଆଁରମୁଣ୍ଡା ଓ ବଣାଇରେ ଥିବା ବିଭିନ୍ନ ସ୍ପଞ୍ଜ କାରଖାନା ଗୁଡିକୁ ଅଚାନକ ରାତ୍ର ସମୟରେ ଯାଂଚ୍ କରାଯାଇଥିଲା। କେତେକ କାରଖାନା ଧୂଳିଧୂଆଁ ଛାଡୁଥିବା ଜଣାପଡିଛି। ସେଥି ମଧ୍ୟରୁ ମେଟା ସ୍ପଞ୍ଜ, ସୀତା ସ୍ପଞ୍ଜ, ମହାବୀର ଫେରୋ, ସ୍ପଞ୍ଜ ଉଦ୍ୟୋଗ ପ୍ରଭୃତି ସମେତ ଅନ୍ୟ ସ୍ପଞ୍ଜ କାରଖାନାକୁ ୧୫ ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନିୟମ ଖିଲାପ କଲେ କ୍ଲୋଜର ନୋଟିସ ଦିଆଯିବାକୁ ଚେତାବନୀ ଦିଆଯାଇଛି। କଲୁଙ୍ଗା ଅଂଚଳରେ ରାସ୍ତା ଖରାପ ଥିବାରୁ ଭାରିଯାନ ଓ ଅନ୍ୟ ଗାଡି ମୋଟର ଚଳାଚଳ ଯୋଗୁଁ ଯେଉଁ ଧୂଳି ଧୂଆଁ ସୃଷ୍ଟି ହେଉଛି, ତାହାକୁ ନିୟନ୍ତ୍ରଣ ପାଇଁ ଦୈନିକ ପାଣି ସିଂଚନ ବ୍ୟବସ୍ଥା ସହ ନୂତନ ରାସ୍ତା ନିର୍ମାଣ ପାଇଁ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଛି। ସେହିପରି ୨୨ଟି ସଂସ୍ଥାକୁ ପ୍ରଦୂଷଣ ନିୟମ ପାଳନ ପାଇଁ ନିର୍ଦ୍ଦେଶ ଓ ଜୋରିମାନା କରାଯାଇଛି। ଏତଦ୍ ବ୍ୟତୀତ ୪ଟି ସଂସ୍ଥାର ଆବେଦନକୁ ଆଗ୍ରାହ୍ୟ କରିଦିଆଯାଇଛି। ସେଗୁଡିକ ହେଲା ବୃନ୍ଦାବନ ଫୁଡ ପ୍ରଡକ୍ଟ, ହୋଟେଲ ରାଜସ୍ଥାନ, ଆର. କେ. ଆସୋସିଏଟସ ଆଣ୍ଡ ହୋଟେଲିଆର ପ୍ରା. ଲିମିଟେଡ଼ ଓ କୁଆଁରମୁଣ୍ଡା ର କ୍ୟୁରେବାୟ ଏଡିନିକ ସଂସ୍ଥା। ସେହିପରି ୧୩ଟି ସଂସ୍ଥାକୁ ଶୁଣାଣି ପାଇଁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ବିଭିନ୍ନ ଶିଳ୍ପ ଓ କଳ କାରଖାନା ନ୍ୟୁନ ମାନର କୋଇଲା ବ୍ୟବହୃତ କରୁଥିବା ଯାଂଚ୍ ସମୟରେ ଜଣାପଡିଛି। ଯାହାଦ୍ୱାରା ବର୍ଜ୍ୟ ବାୟୁ ନିର୍ଗମନ ସମୟରେ ବାୟୁ ମଣ୍ଡଳରେ ସୂକ୍ଷ୍ମ ଧୂଳିକଣା ରହୁଛି। ରାଉରକେଲା ଓ ଏହାର ଆଖପାଖ ଅଂଚଳ ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ ଅଧୀନରେ ଆସୁଛି। ଏଣୁ ସମସ୍ତେ ସ୍ୱଚ୍ଛ ଇନ୍ଧନ ଟେକନୋଲୋଜି ବ୍ୟବହାର କରିବାକୁ ମଧ୍ୟ ରାଉରକେଲା ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି କ୍ଷବିଭାଗ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ନେଇ ବିଭିନ୍ନ ମହାଲରେ ଆଲୋଚନା ଯୋର୍ ଧରିଛି। ପ୍ରଦୂଷଣ ନିୟମକୁ କଡାକଡି ଭାବେ ଅନୁପାଳନ ନକଲେ ଶିଳ୍ପ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ରାଉରକେଲା ଆଂଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ଼. ଅନୁପ କୁମାର ମଲ୍ଲିକ।

# ରାଜ୍ୟ ବିଦ୍ୟୁତ କର୍ମଚାରୀଙ୍କ ଦାବିକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ: ମିଡିଆ ପଜିଟିଭ ହେଲେ ରାଜ୍ୟର ଉନ୍ନତି ହେବ-କନକ ବର୍ଦ୍ଧନ

ରାଉରକେଲା,୦୪/୩ (ନି.ପ୍ର): ରାଜ୍ୟ ବିଦ୍ୟୁତ କର୍ମଚାରୀ ମହାସଂଘ ରଖିଥିବା ସେମାନଙ୍କର ଦାବିକୁ ଅନୁଧ୍ୟାନ କରାଯାଇ ସେ ଦିଗରେ ପଦକ୍ଷେପ ନିଆଜିବ ଓ ରାଜ୍ୟରେ ମିଡିଆ ନେଗେଟିଭ ନହୋଇ ପଜିଟିଭ ହେଲେ ରାଜ୍ୟର ଉନ୍ନତି ହେବ ବୋଲି ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆଜି ରାଉରକେଲାଠାରେ ଏକ ରାଜ୍ୟସ୍ତରୀୟ ମହାସଭାରେ ଉଦବୋଧନ ଦେବାବେଳେ ନିଜର ବକ୍ତବ୍ୟରେ କହିଛନ୍ତି। ଆଜି ରାଉରକେଲା ମେ ଫେୟାର ଠାରେ ଆୟୋଜିତ ରାଜ୍ୟ ବିଦ୍ୟୁତ କର୍ମଚାରୀ ମହାସଂଘର ୬ଷ୍ଠ ରାଜ୍ୟସ୍ତରୀୟ ମହାସଭାରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏଭଳି ମନ୍ତବ୍ୟ ସେ ଦେଇଛନ୍ତି। ଆୟୋଜିତ ସଭାରେ ଶ୍ରୀ ସିଂଦେଓ କହିଲେ କର୍ମଚାରୀ ମହାସଂଘ ସାଧାରଣ ସଂପାଦକ ଯାହା ଦାବି ରଖିଲେ ତାକୁ ପୁରା ଅନୁଧ୍ୟାନ କରାଜିବ ଓ ତାପରେ ଯେତେଶିଘ୍ର ହୋଇପାରିବ ସେ ଦିଗରେ ପଦକ୍ଷେପ ନିଆଜିବ। ନିକଟରେ ମୁଖ୍ୟମନ୍ତ୍ରୀ ଏହି ବିଭାଗର ରିଭ୍ୟୁ କରିଛନ୍ତି, ସେଥିରେ ଯାହା ଦେଖାଯାଇଛି ପ୍ରାୟ ମାର୍ଚ୍ଚ, ଏପ୍ରିଲ ଓ ମଇ ମାସରେବିଦ୍ୟୁତକାଟ ଓ ଅଭାବ ଦେଖାଯାଏ, କିନ୍ତୁ ଆଉ ତାହା ଦେଖାଜିବ ନାହିଁ। ଅତିତରେ ମୁଁ ଗୁଜୁରାଟ ଯାଇଥିବା ବେଳେ ଏକ ଖବରକାଗଜରେ ବାହାରିଥିଲା ଖରାଦିନ ଆସିଲେ ଘରର ବୋହୂ ବାପଘରକୁଚାଲିଯାଏ, କାରଣ ଶାଶୁଘରେ ବିଜୁଳୀକାଟ ହୋଇଥାଏ। କିନ୍ତୁ, ମୋଦୀ ସରକାର ଆସିବା ପରେ ତାହା ଆଉନାହିଁ, ଏବେ ବଳକା ବିଦ୍ୟୁତ ଉତ୍ପାଦନ ସମୟ ଆସିସାରିଛି। ଓଡିଶାରେ ମଧ୍ୟ ସେହି ସ୍ଥିତି ରହିଛି।ଏଥିଲାଗି ସେ କର୍ମଚାରୀମାନଙ୍କୁ ସାଧୁବାଦ ଦେବାସହ ସେମାନଙ୍କ ସମସ୍ୟାର ସମାଧାନ ଶିଘ୍ର କରାଜିବ ବୋଲି କହିଥିଲେ।ଏହି ଅବସରରେ ସେ ମିଡିଆକୁ ମଧ୍ୟ ସୁନ୍ଦର ପରାମର୍ଶ ଦେବାସହ ଓଡିଶା ଗଠନ ଦିଗରେ ମିଡିଆ ସହାୟକ ହେଉ ବୋଲି ପରାମର୍ଶ ଦେଇଥିଲେ।ସେ କହିଲେ, ମିଡିଆରେ ପଜିଟିଭ ଅପେକ୍ଷା ନେଗେଟିଭ ଖବର ଅଧିକ ଆସୁଛି।ଆଜିକାଲି ବ୍ରେକିଂ ନ୍ୟୁଜ ନାମରେ ଅତି ଶସ୍ତା ଖବର ଓ ନେଗେଟିଭଖବରମାନଆସୁଛି, ଦୁର୍ଘଟଣା କେଉଁଠି ନହୁଏ, ସବୁ ଯାଗାରେ ତାହା ରହିଛି, କିନ୍ତୁ ବ୍ରେକିଂ ନ୍ୟୁଜରେ ଏହି ଖବର ଯୋରଦାର ଆସେ କିନ୍ତୁଗୋଟିଏହେଲେ ଭଂଗାଘର କିମ୍ବା ମଲାମଣିଷକୁ ମିଡିଆ ଦେଖାଇନଥାଏ।ଆଜିକାଲି ପଜିଟିଭ ଖବର ବ୍ରେକିଂ ନ୍ୟୁଜ ହୋଇପାରୁନାହିଁ, କେବଳପିଲାଜନ୍ମ ଖବର ଅନେକ ସମୟରେ ବ୍ରେକିଂ ନ୍ୟୁଜ ହେଉଛି। ଜଣେ ନେତା, ପ୍ରଶାସନିକ ଅଧିକାରୀଙ୍କର ଯେଉଁ ଦାୟିତ୍ୱ ରହିଛି ମିଡିଆର ମଧ୍ୟ ସେହି ଦାୟିତ୍ୱ ରହୁଛି, ତେଣୁ ନେଗେଟିଭ ଅପେକ୍ଷା ଯଦି ପଜିଟିଭ ଖବରକୁ ମିଡିଆ ଅଧିକଗୁରୁତ୍ୱ ଦେବ ତେବେ ବିଶ୍ୱରେ ଓଡିଶାର ସ୍ଥାନ ସ୍ୱତନ୍ତ୍ର ହେବ ଓ ଓଡ଼ିଶାବାସୀଙ୍କୁ ମଧ୍ୟ ତାହା ଭଲ ସୁଯୋଗ ଦେବ ବୋଲି ସେ କହିଥିଲେ। ଏହି ଅବସରରେ ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ସମସ୍ତ ଦାବିଗୁଡିକୁ ସରକାର ହୃଦୟଙ୍ଗମ କରିବାକୁ ଦାବି କରିଥିଲେ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କର୍ମଚାରୀମାନଙ୍କୁ ସମସ୍ତ ପ୍ରକାର ସହ ଯୋଗ କରିବାଲାଗି କହିଥିଲେ। ବିଧାୟକଦୁର୍ଗା ତନ୍ତୀ ଏହି ଉତ୍ସବରେ କର୍ମଚାରୀମାନଙ୍କୁ ସାଧୁବାଦ ଦେଇଥିଲେ। ସଂଗଠନର ସାଧାରଣ ସଂପାଦକ ଅମରପ୍ରତାପ ସିଂ ଠିକାଶ୍ରମିକମାନଙ୍କୁ ତୁରନ୍ତ ନିୟମିତ କରିବା ସହ କର୍ମଚାରୀମାନଙ୍କ ଲାଗି ଅନେକ ଦାବି ରଖିଥିଲେ।

# ଗଡସ ପାୱାର ଓ ବ୍ଲେଶିଂ ମିନିଷ୍ଟ୍ରୀ ପକ୍ଷରୁ ମେଗା ରକ୍ତଦାନ ଶିବିର ଓ ସଚେତନତା ସଭା

ସମ୍ବଲପୁର,୦୪/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋଡସ୍ ପାୱାର ଓ ବ୍ଲେସିଂ ମିନିଷ୍ଟ୍ରି ପକ୍ଷରୁ ଆଜି ବି . ଜମନକିରା ଠାରେ ଏକ ମେଗା ରକ୍ତଦାନ ଶିବିର ଓ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହାକୁ କୁଚିଣ୍ଡା ଉପ ଜିଲ୍ଲାପାଳ ଡ଼ ଗୌରବ ମୟ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରମୋଦ ରୋହିଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ଏସ ଡି ଏମ ଓ ଡ଼ ସୁବୋଧ କୁମାର ନାୟକ, ସମାଜସେବୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ କୁମାର ବେହେରା ,ବ୍ଲକ ଅଧ୍ୟକ୍ଷା ଭୁବନେଶ୍ୱର କିସାନ, ସରପଂଚ ସରସ୍ୱତୀ ଠାକୁର, ସାମ୍ବାଦିକ ସଞ୍ଜୟ ମିଶ୍ର ପ୍ରମୁଖ ଭାଷଣ ଦେଇ ମଣିଷ ରକ୍ତର ବିକଳ୍ପ ନାହିଁ, ସେଥି ପାଇଁ ରକ୍ତ ଏକ ମହତ ଦାନ ଅଟେ।

# କେନ୍ଦୁଝର:ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଲେ କୋର୍ଟ

କେନ୍ଦୁଝର,୦୪/୩ (ନି.ପ୍ର): ଆଜି କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ତେଲକୋଇ ଥାନା ଅନ୍ତର୍ଗତ କୃଷ୍ଣପୁର ଗ୍ରାମର ଅଭିଯୁକ୍ତ ରାମା ନାଏକ(୨୫) କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ତା ୧୩।୧।୨୦୨୨ ରିଖରେ ନାବାଳିକା (୬ ବର୍ଷ) ନିଖୋଜ ଥିଲା। ପରିବାରବର୍ଗ ଖୋଜାଖୋଜି କରି ତା ୧୪।୧।୨୦୨୨ ରିଖରେ ଆସାମୀ ରାମା ନାଏକ ଘରୁ ତାକୁ ମୁର୍ମୁଷୁ ଅବସ୍ଥାରେ ପାଇଲେ ଏବଂ ଝିଅକୁ ପଚାରିବାରୁ ସେ କହିଲା ଗତକାଲି ସଂନ୍ଧ୍ୟାରେ ଗାଁ ଦାଣ୍ଡରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ଆସାମୀ ନାବାଳିକାକୁ ବିସ୍କୁଟ ଓ କୁରୁକୁରେ ଦେବାକୁ କହି ତା' ଘରକୁ ନେଇ ତା'ସହ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ତେଣୁ ନାବାଳିକାକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନେଇ ଚିକିତ୍ସିତ କରିବା ପରେ ତେଲକୋଇ ଥାନାରେ ୧୪।୧।୨୦୨୨ ରେ ଏକ ମକଦ୍ଦମା ରୁଜୁ କରିଥିଲେ। ଏତଲାକୁ ଭିତି କରି ସେତେବେଳର ଭାରପ୍ରାପ୍ତ ଥାନା ଅଧିକାରୀ ସାଇପ୍ରଭା ରାଉତ ତେଲକୋଇ ଥାନା କେଶ ନଂ ୧୦ ତା ୧୪।୧।୨୦୨୨ରେ ରୁଜୁ କରି ଆସାମୀକୁ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୬ରେ କୋର୍ଟ ଚାଲାଣ କରିଥିଲେ। ଆଜି ମାନ୍ୟବର ବିଚାରପତି ବିଜୟ କୁମାର ମିଶ୍ର ୨୩ ଜଣ ସାକ୍ଷୀଙ୍କ ବୟାନ, ପୋଲିସ ତଦନ୍ତ ରିପୋର୍ଟ ଏବଂ ଫରେନସିକ୍ ରିପୋର୍ଟକୁ ଭିତି କରି ଆସାମୀକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

# ନୋ ଏଂଟ୍ରିକୁ ନୋ ଖାତିର: ଜିଲ୍ଲାପାଳଙ୍କ ଆଦେଶ ମୂଲ୍ୟହୀନ

ଭୁବନ,୦୪/୩ (ନି.ପ୍ର): ଭୁବନ କାଳୀ ବଜାର ଠାରୁ ଢ଼େଙ୍କାନାଳ ବାଜି ଚୌକ (୪୫ କି ମି ) ପୂର୍ତ୍ତ ବିଭାଗ ରାସ୍ତାରେ ମାର୍ଚ୍ଚ ମାସ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୮ ଘଟିକା ଠାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯାଇଛି। ଜିଲ୍ଲାପାଳ ଚିଠି ନଂ - ୫୮୧ ତା ୨୭.୦୨.୨୦୨୫ ରେ ଏହି ଆଦେଶ କୁ ପାଳନ କରିବା ପାଇଁ ଢ଼େଙ୍କାନାଳ ସଦର ଥାନା,ଟାଉନ ଥାନା,ଗାଁଦିଆ ଓ ଭୁବନ ଥାନା କୁ ନିର୍ଦ୍ଦେଶ ଦେଇଛନ୍ତି। ଇତି ମଧ୍ୟରେ ୪ ଦିନ ବିତି ଯାଇଥିଲେ ସୁଦ୍ଧା ୬ ଚକିଆ,୧୦ ଚକିଆ ଟ୍ରକ ଓ ହାଇଓ୍ୱା ଗାଡ଼ି ସବୁ ନିର୍ବିଘ୍ନ ରେ ଚଳାଚଳ କରୁଛି। ଛାତ୍ର ଛାତ୍ରୀ ମାନେ ସ୍କୁଲ ଯିବା ସମୟ ଓ ସ୍କୁଲ ରୁ ଫେରିବା ସମୟରେ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଓ ବାଲି ବୋଝେଇ ହାଇଓ୍ୱା ଗାଡ଼ି ଚାଲୁ ଥିବାରୁ ରାସ୍ତା ଜାମ ହେବା ସହିତ ବହୁ ଅସୁବିଧା ସୃଷ୍ଟି ହେଉଛି। ଜିଲ୍ଲାପାଳ ଙ୍କ ନୋ ଏଂଟ୍ରି ଆଦେଶକୁ ଖାତିର ନକରି ଭାରିଯାନ ନିର୍ବିଘ୍ନ ରେ ଚାଲୁଛି। ସ୍ଥାନୀୟ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଜିଲ୍ଲାପାଳ ଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଜନସାଧାରଣରେ ଦାବି ହୋଇଛି।

# ବସୁଧା ଯୋଜନାରେ ନିମ୍ନ ମାନର ପାଇପ କାମ : ପାଇପ ଫାଟି ଝରଣା ପରି ବୋହି ଯାଉଛି ପାଣି

ଚମ୍ପୁଆ,୦୪/୩ (ନି.ପ୍ର): ବସୁଧା ଯୋଜନାରେ ପ୍ରତି ଘରକୁ ପାଣି ଯୋଗାଇବା ପାଇଁ ବିଛା ଯାଇଥିବା ପାଇପ ଲାଇନ କାର୍ଯ୍ୟରେ ଅନିୟମିତତା ହୋଇ ଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ନିମ୍ନ ମାନର କାମ ଯୋଗୁଁ ପାଣି ପାଇପରୁ ଅନବରତ ଝରଣା ପରି ପାଣି ବୋହି ଗାଁ ଦାଣ୍ଡରେ ମାଛ ଗଡିଆର ଭ୍ରମ ସୃଷ୍ଟି କରୁଥିବା ବେଳେ ଏହି ପାଇପ କାମର ସ୍ଥାଇତ୍ୱକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଖବର ଅନୁସାରେ, ଚମ୍ପୁଆ ବ୍ଲକରେ ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାପାଇଁ କୋଦଗାଡ଼ିଆ ପଂଚାୟତ ଅନ୍ତର୍ଗତ ମିରିଗସିଙ୍ଗା ବୈତରଣୀ ନଦୀ କୂଳରେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବିନିମୟରେ ଏକ ମେଗା ପ୍ରକଳ୍ପ ନିର୍ମାଣ ସରିଛି। ଏହି ପ୍ରକଳ୍ପରୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ପ୍ରତି ପଂଚାୟତରେ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ କରା ଯାଇଛି। ଯେଉଁ ଟାଙ୍କି ଗୁଡ଼ିକରୁ ଗ୍ରାମର ପ୍ରତି ଘରକୁ ପାଇପ ପାଣି ଯୋଗାଣ ପାଇଁ ଲକ୍ଷ ରଖା ଯାଇ ପ୍ରତି ଗ୍ରାମର ଘରକୁ ଘର ସଂଯୋଗ କରାଯାଇ ଥିବା ପାଇପ କାମ ନିମ୍ନ ମାନର କରା ଯାଇଥିବା ଯୋଗୁଁ ପାଇପ ଗୁଡିକ ଫାଟି ପାଣି ଲିକ ହୋଇ ଝରଣା ପରି ଅନବରତ ପାଣି ଗଳୁଥିବା ଦେଖିବାକୁ ମିଳିଛି। ଚମ୍ପୁଆ ବ୍ଲକର ସୁନାପଶି ପଂଚାୟତ ଅନ୍ତର୍ଗତ ସରାସପଶି ଗ୍ରାମର ଗୁଡାସାହି ଠାରେ ପାଇପ ସଂଯୋଗ କାର୍ଯ୍ୟ ଏତେ ନିମ୍ନ ମାନର କରା ଯାଇଛି ଯେ ପାଇପ ସଂଯୋଗର କେଇଟା ଦିନରେ ପାଇପ ଫାଟି ଯିବାରୁ ପାଣି ଲିକ କରି ଝରଣା ପରି ଗାଁ ଦାଣ୍ଡରେ ପାଣି ବୋହି ଯାଉଥିବା ଦେଖା ଯାଇଛି। ସାହି ମଝିରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ମାଛ ଗଡିଆର ଭ୍ରମ ସୃଷ୍ଟି କରୁଥିବାରୁ ଗ୍ରାମବାସୀଙ୍କ ଯାତାୟାତ ପାଇଁ ବିପଦ ସୃଷ୍ଟି କରିଛି। ଦାଣ୍ଡ ମଝିରେ ପାଣି ଲିକ ହୋଇ ବୋହି ଯାଉଥିବାରୁ ଗ୍ରାମର ଶେଷ ମୁଣ୍ଡରେ ଥିବା ଦଶରୁ ଉର୍ଦ୍ଧ ପରିବାରକୁ ପାଣି ପହଂଚୁନ ଥିବା ଅଭିଯୋଗ ହେଉଛି। ସେହିପରି ଜଙ୍ଗଲ ସାହିରେ ପାଇପ ସଂଯୋଗ ତ ହୋଇଛି ହେଲେ ଜଳ ଯୋଗାଣ ହେଉ ନ ଥିବାରୁ ପନ୍ଦରରୁ ଉର୍ଦ୍ଧ ପରିବାର ପାଣି ପାଇବାରୁ ବଂଚିତ ହେଉଛନ୍ତି। ଦାୟିତ୍ୱରେ ଥିବା ଟେକନିସିଆନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଲା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି ଗ୍ରାମବାସୀ। ଆଗକୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାକୁ ଯାଉଥିବାରୁ ଗ୍ରାମରେ ପାଣି ସମସ୍ୟା ଦେଖା ଦେବ। ଯାହା ଏବେ ଗ୍ରାମବାସୀଙ୍କ ଚିନ୍ତାର କାରଣ ପାଲଟିଥିବା ବେଳେ ପ୍ରାୟ ଏକ ମାସରୁ ଉର୍ଦ୍ଧ ହେବ ଗାଁ ଦାଣ୍ଡରେ ପାଣି ଲିକ ହୋଇ ବିରାଟ ଗର୍ତ୍ତ ସୃଷ୍ଟି ହେବା ସହିତ ଝରଣା ପରି ପାଣି ବୋହି ଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଦୃଷ୍ଟି ଦିଆ ଯାଉ ନ ଥିବାରୁ ଆଗକୁ ପାଇପ ପାଣି ଯୋଗାଣର ସ୍ଥାଇତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ମଧ୍ୟ କୁହୁଳୁଛି। ଏ ସମ୍ପର୍କରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ କରନ ସୋରେନଙ୍କୁ ଯୋଗାଯୋଗ କରିବାରୁ ଆମ ନିକଟରେ ଅଭିଯୋଗ ହୋଇଛି, ଖୁବ ଶୀଘ୍ର ମରାମତି କରି ଦିଆ ଯିବ ବୋଲି କହିଛନ୍ତି। ତେବେ ରାଜ୍ୟ ସରକାର ପ୍ରତି ଗ୍ରାମକୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଥିବା ବେଳେ ନିମ୍ନ ମାନର କାମ କରାଯାଇ ଏହି ଅନୁଦାନ ଅର୍ଥର ସିଂହ ଭାଗ ହରିଲୁଟ କରା ଯାଉଥିବା ଅଭିଯୋଗ ହେଉଛି। ନିମ୍ନ ମାନର କାମ ପାଇଁ ଏହି ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଥିବା ବେଳେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ବିଷ୍ଣୁବିନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୦୫/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଞ୍ଚାୟତର ବିଷ୍ଣୁବିନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତି ଲତା ବାରିକ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଆଗର ପଡ଼ା ଶିକ୍ଷକ ପ୍ରଶିକ୍ଷକ ପ୍ରତିଷ୍ଠାନର ପ୍ରଫୁଲ୍ଲ କୁମାର ଗୋଛାୟତ, ଶିକ୍ଷାବିତ୍ ରାମକୃଷ୍ଣ ପତି, ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭାଶିଷ ଘୋଷ। ବିଧାୟକ ଅଶୋକ ଦାସ ଓ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ ଗୋଛାୟତ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଶିକ୍ଷକ ଦେବେନ୍ଦ୍ର ବାରିକ ଓ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟିତ୍ରୀ ସାବିତ୍ରୀ ବାରିକ। ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ରାଉଳ। ଶିକ୍ଷକ ବିରେନ୍ଦ୍ର ବଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଗଜେନ୍ଦ୍ର ପ୍ରସାଦ ରାଉଳ, ମନ୍ଦୋସ୍ମି ଇଲୋଲା ସାମଲ, ପ୍ରଭାତୀ ବିଶ୍ୱାଳ ଦେବେନ୍ଦ୍ର ପ୍ରସାଦ ବାରିକ, ପଦ୍ମିନୀ ପାଣିଗ୍ରାହୀ ପ୍ରମୁଖ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ




ଉଦଳା , ୦୫/୩ (ନି.ପ୍ର): ବିଜୁ ଜନତା ଦଳ, ଉଦଳା ନିର୍ବାଚନ ମଣ୍ଡଳି ତରଫରୁ ଆଜି ମାର୍ଚ୍ଚ ୫ ତାରିଖ ବୁଧବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଅବସରରେ ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ଅଧ୍ୟକ୍ଷତାରେ 'ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ' ଶିର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଆଲୋଚକ ଭାବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୁର୍ବତନ ନଗରପାଳ ତଥା ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସଂପାଦକ ମନୋଜ କୁମାର ମହାନ୍ତି ତାଙ୍କର ବକ୍ତବ୍ୟରେ ବିଜୁ ପଟ୍ଟନାୟକଙ୍କ ପାଇଁ ଆମ ରାଜ୍ୟ ଓଡ଼ିଶା ଆଜି କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ କିପରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଓଡ଼ିଶାରେ ପ୍ରତିବର୍ଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସଟିକୁ କିପରି ପଂଚାୟତରାଜ ଦିବସ ରୂପେ ପାଳନ କରାଯାଉଥିଲା ସେ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଚଳିତ ବର୍ଷ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ଏହାକୁ ବନ୍ଦ କରିଦେଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଆଗାମୀ ନିର୍ବାଚନରେ ଓଡ଼ିଶାବାସୀ ଡ଼ବଲ ଇଂଜିନ ସରକାରକୁ ଏହାର ଠିକଣା ଜବାବ ଦେବେ ବୋଲି ଚେତାବନୀ ଦେଇଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ବିଜୁ ଜନତାଦଳର ବରିଷ୍ଠନେତା ଅନୁପ ରାଉତ, ପ୍ରବୀର ଚନ୍ଦ୍ର ସାଏ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଲିଲି ଭୋଳ, ପୁର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ଉଦଳା ପଂଚାୟତ ସମିତିର ପୁର୍ବତନ ଅଧ୍ୟକ୍ଷା ସବିତା ହାଁସଦାଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଡ଼ବଲ ଇଂଜିନ ସରକାର ବିରୁଦ୍ଧରେ ଏକ ବଡ଼ ଧରଣର ଆନ୍ଦୋଳନ ଖୁବ୍ ନିକଟରେ ହେବ ବୋଲି ନିଷ୍ପତି ନିଆଯିବା ସହ ଆଲୋଚନାଚକ୍ରର ଯବନିକା ପଡ଼ିଥିଲା ।

## ବିଜୁ ଜୟନ୍ତି ପାଳିତ

ଜୟପୁର, ୦୫/୩ (ନି.ପ୍ର): ଜୟପୁର ପୌରପାଳିକାରେ ଗତ ଦୁଇବର୍ଷ ହେଲା ବିଜୁବାବୁଙ୍କ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତି କୁ ସ୍ଥାପନ କରାଯାଇନଥିବାରୁ ଆଜି ବିଜୁ ପଟ୍ଟନାୟକଙ୍କ ଜୟନ୍ତି ଉତ୍ସବରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଆସନ୍ତା ୧୭ ତାରିଖ ମଧ୍ୟରେ ପ୍ରତିମୂର୍ତି ସ୍ଥାପନ କରାନଗଲେ ବିଜେଡି ନେତା ଓ କର୍ମୀ ଆମରଣ ଅନଶନରେ ବସିବେ ବୋଲି ଘୋଷଣା କରିଛନ୍ତି। ଅପରାହ୍ନରେ ସ୍ଥାନୀୟ ବିକ୍ରମନଗର ସ୍ଥିତ ବିଜୁ ଭବନ ପରିସରରେ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ଉତ୍ସବ ଅବସରରେ ବରିଷ୍ଠ ବିଜେଡି ନେତା ବାଲାରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତି ଉତ୍ସବରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଯୋଗ ଦେଇ ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ସରକାର ପଂଚାୟତିରାଜ ଦିବସ ତାରିଖ ପରିବର୍ତନ କରିଥିବାରୁ ବିଜେଡି ପକ୍ଷରୁ ଏହାକୁ ନିନ୍ଦା କରାଯାଉଛି।

# ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ



ବାଲେଶ୍ୱର , ୦୫/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ବାଲେଶ୍ୱର ବିଟ କଲ୍ୟାଣ ମଣ୍ଡପ ରେ ଶ୍ରୀଯୁକ୍ତ ସଞ୍ଜୟ କେଶରୀ ପ୍ରଧାନ ଜିଲ୍ଲା ଶ୍ରମ ଅଧିକାରୀ ତତ୍ତ୍ୱା ବଧାନ ରେ ଶ୍ରମିକ କଲ୍ୟାଣ ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହକୁ ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଓ ରେମୁଣା ବିଧାୟକ ଉପ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ , ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ, ବାଲେଶ୍ୱର କ୍ଲବ ଅଧ୍ୟକ୍ଷ ସୁନିତା ବେହେରା ଓ ବାଲେଶ୍ୱର ପ୍ରଭାଗିୟ ଶ୍ରମ ଆୟୁକ୍ତ ସନ୍ତୋଷ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏହି ଶ୍ରମ ସମାରୋହ ରେ ଦେଶର ପ୍ରକୃତ ଶ୍ରମିକ ହିଁ ଦେଶର ନିର୍ମାତା ବୋଲି ସାଂସଦ କହିଥିଲେ । ତେଣୁ ଏହି ନିର୍ମାଣ ଶ୍ରମିକ ପାଇଁ ବିଜେପିର ମୋହନ ମାଝି ସରକାର ସର୍ବଦା ଚେଷ୍ଟା କରୁଛନ୍ତି ବୋଲି କହିବା ସଙ୍ଗେ ସଙ୍ଗେ ଶ୍ରମିକ ମାନଙ୍କୁ କିପରି ଦଲାଲ ର ବଶବର୍ତ୍ତୀ ନହୋଇ ନିଜେ ସରକାରୀ ସାହାଯ୍ୟ ପାଇଁ ପାରିବେ ସେଥି ପାଇଁ ଚେଷ୍ଟା କରୁଛନ୍ତି।ଓ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ ଓ ଶ୍ରମିକ ମାନେ ଝିଅ ବାହାଘର ସହାୟତା , ସ୍ୱାମୀ ମୃତ୍ୟୁ କାଳୀନ ସହାୟତା , ଓ ବିଭିନ୍ନ ପ୍ରକାର ନିର୍ମାଣ ଶ୍ରମିକ ସହାୟତା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଦାନ କରିଥିଲେ । ଏହି ସଭାକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ କର୍ମକର୍ତ୍ତା ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୦୯ ତମ ଜୟନ୍ତୀ ପାଳିତ



ଜଳେଶ୍ୱାବର , ୦୫/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବଡ ବଜାର ଛକରେ ଥିବା ଓଡ଼ିଶା ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତି ପାଖରେ ଆଜି ଦିନ ୧୦ ଘଟିକା ସମୟ ରେ ୧୦୯ ତମ ଜୟନ୍ତୀ ପାଳିତ। ଏଥିରେ ପୁର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜୁ ଜନତା ଦଳର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ସହିତ ଉପସ୍ଥିତ ରହି ଥିଲେ ଜଳେଶ୍ୱର ପୌରପାଳିକା ର ଅଧକ୍ଷ ପ୍ରତିପ କୁମାର୍ ପ୍ରଧାନ, ଜଳେଶ୍ୱର ବ୍ଲକ୍ ଅଧକ୍ଷ ମାନସ ଜେନା, ଉପାଧକ୍ଷ ସଞ୍ଜିତା ସେନାପତି, ଜିଲ୍ଲାପରିଷଦ ଉପାଧକ୍ଷ ଆନୁଷୟା ପ୍ରଧାନ, ପୌରପାଳିକା ଉପାଧକ୍ଷା ପୁଷ୍ପ ପ୍ରିୟା କାମିଲ, ପୂର୍ବତନ ବ୍ଲକ ଅଧକ୍ଷ ତପନ ଦାସ , ଗୋବିନ୍ଦ ସାହୁ, ବିଜେସ ରଣା, ଗଙ୍ଗାଧର ଦାସ ଦିଲ୍ଲୀପ ସାମଲ ସମତେ ଜଳେଶ୍ୱର ପୌରପାଳିକାର କାଉନସିଲର ମାନେ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିବା ସହିତ ଜଳେଶ୍ୱର ଜିକେ ଭଟର ଓ ହାତିଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଜୁସ ସହିତ ଫଳ ବଣ୍ଟନ କରିଥିଲେ ।

# ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ତୁମ ବିନା' ରେ ନୂଆ ମୋଡ: ଧରାପଡ଼ିବ କି ରିଚା ? ଦେଖନ୍ତୁ ସୋମବାରରୁ ଶନିବାର ରାତି ୮ଟାରେ



ଭୁବନେଶ୍ୱର, ୦୫/୩ (ନି.ପ୍ର): ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟିଦିଏ ଚଳଚ୍ଚିତ୍ର, ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ସବୁଥର କାହାଣୀରେ ନୂତନତ୍ୱ ଓ ରୋମାଞ୍ଚ ଭରିଦିଏ ଜୀ ସାର୍ଥକ । ଯାହାକୁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଦର୍ଶକେ ନିଜ ଜୀବନ ସହିତ ସଂଯୋଗ କରିପାରନ୍ତି । ଏହି କାରଣ ପାଇଁ ଏହା ସାଜିଛି ଲୋକଙ୍କର ପ୍ରଥମ ପସନ୍ଦ । ଏହା ମଧ୍ୟରେ ସବୁଠୁ ଅଧିକ ଭଲପାଇବା ମିଳିଥିବା ଧାରାବାହିକ ସାଜିଛି 'ତୁମ ବିନା' । ଯାହା ସୋମବାରରୁ ଶନିବାର ରାତ୍ର ୮.୦୦ ଘଟିକା ସମୟରେ ଜୀ ସାର୍ଥକରେ ପ୍ରସାରଣ ହେଉଛି । ଏହି ଧାରାବାହିକରେ ଆସିବାକୁ ଯାଉଛି ଏବେ ନୂଆ ମୋଡ । ନକଲି ଗର୍ଭପାତ ରିପୋର୍ଟ ଅକ୍ଷୟଙ୍କୁ ଚୁପ୍ ରହିବାକୁ ବାଧ କରେ ଯାହା ଲକ୍ଷ୍ମୀଙ୍କୁ ଖୁବ କଷ୍ଟ ଦିଏ ଯାହାର ପ୍ଲାନ କରିଛି ରିଚା ନିଜେ । ଏହି ମାନସିକ ସ୍ଥିତିରେ ଲକ୍ଷ୍ମୀ ଘରୁ ବାହାରି ଯିବାକୁ ନିଷ୍ପତ୍ତି ନିଅନ୍ତି । । ଅନ୍ୟ ପକ୍ଷରେ ଲକ୍ଷ୍ମୀଙ୍କ ପ୍ରତି ପ୍ରେମ ଏବଂ ତାଙ୍କ ମାଆଙ୍କ ଚାପ ମଧ୍ୟରେ ଭାଙ୍ଗି ପଡ଼ିଥିବା ଅକ୍ଷୟ ଶେଷରେ ବାଧ ହୋଇ ଲକ୍ଷ୍ମୀଙ୍କୁ ଛାଡି ଦିଅନ୍ତି ହେଲେ ରିଚାର ନକଲି ଡିଏନଏ ରିପୋର୍ଟର ତଦନ୍ତ କରିବା ପାଇଁ ଅକ୍ଷୟ ନିଷ୍ପତ୍ତି ନିଅନ୍ତି କ୍ଷ ଏହି ସମୟରେ ସଂଯୁକ୍ତା ରିଚା ପାଇଁ ଏକ ବେବି ସାୱାରର ଆୟୋଜନ କରନ୍ତି ଓ ଲକ୍ଷ୍ମୀଙ୍କୁ ଅପମାନିତ କରିବାକୁ ଜାଣିଶୁଣି ନିମନ୍ତ୍ରଣ କରିଥାନ୍ତି । ଲକ୍ଷ୍ମୀ ଓ ଅକ୍ଷୟଙ୍କ ମଧ୍ୟରେ ଥିବା ପ୍ରେମ ଓ ପ୍ରଗାଢ ବିଶ୍ୱାସର କଥାବସ୍ତୁକୁ ଆଧାର କରିଛି ଏହି କାହାଣୀ । ତେବେ କାହାଣୀରେ ଆଗକୁ କଣ ଘଟିବ ? କଣ ଅକ୍ଷୟ ଲକ୍ଷ୍ମୀଙ୍କୁ ପୁଣି ଆପଣାଇବେ ? ରହସ୍ୟ ଉପରୁ କେବେ ଉଠିବ ପରଦା ? ଏସବୁ ଉତ୍ତର ପାଇବାକୁ ଜୀ ସାର୍ଥକରେ ପ୍ରତି ସୋମବାରରୁ ଶନିବାର ରାତି ୮.୦୦ ଘଟିକାରେ ପ୍ରସାରିତ ହେଉଥିବା ମନପସନ୍ଦର ଧାରାବାହିକ 'ତୁମ ବିନା' ଦେଖିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସୀଲ୍ ।

# ଚୂଡ଼ାମଣି ସାମୁଦ୍ରିକ ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାସୁଦେବପୁର, ୦୫/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ସାମୁଦ୍ରିକ ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଥାନା ଅଧିକାରୀ ବନାନୀ ବେହେରା, ବରିଷ୍ଠ ଆଇନଜୀବୀ ବିକ୍ରମ ମହାନ୍ତି, ପୋଲିସ୍ ଷ୍ଟାଫ୍ ପ୍ରଦୀପ ବେହେରା, ପୂର୍ବତନ ସରପଞ୍ଚ ଅଗଣି ପ୍ରସାଦ ଜେନା, ବୋଟ୍ ସଂଘ ସମ୍ପାଦକ ଶଶିକାନ୍ତ ନାୟକ, ଶରତ ମଲ୍ଲିକ ଓ ଅନ୍ୟ ଭାଇ ବନ୍ଧୁ। ସମୁଦ୍ର ଭିତରକୁ ଯେଉଁ ଧୀବର ଭାଇ ମାନେ ମାଛ ମାରିବାକୁ ଯାଉଛନ୍ତି ସେମାନଙ୍କ। ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ ପ୍ରଦାନ କରାଯାଇଥିଲା ଓ ସେମାନଙ୍କୁ ବିଭିନ୍ନ ସମସ୍ୟା ଓ ଘଟଣା ସଂମ୍ପର୍କରେ ସଚେତନତା କରା ଯାଇଥିଲା। ଅଗ୍ନି ନିରୋଧକ ଯନ୍ତ୍ର ନିହାତି ଆବଶ୍ୟକ ଓ ଏ ବିଷୟରେ ମଧ୍ୟ ଧୀବର ମାନଙ୍କୁ ସୂଚନା ପ୍ରଦାନ କରା ଯାଇଥିଲା। ସମୁଦ୍ର କୁ ଆମ ଧୀବର ଭାଇ ମାନେ ମଦ ଓ ଗଞ୍ଜେଇ ନ ନେବାକୁ ଥାନା ଅଧିକାରୀ ବନାନୀ ବେହେରା ପରାମର୍ଶ ଦେଇ ଥିଲେ। ସମସ୍ତ ଙ୍କ ଜୀବନ ମୂଲ୍ୟବାନ। ରତ୍ନ ଗର୍ଭା ସମୁଦ୍ର ଓ ସମୁଦ୍ର କୁ ଆମେ ଦେବତା ରୁପେ ପ୍ରଣାମ କରିବା ବୋଲି ସମସ୍ତ ଙ୍କୁ ଥାନା ଅଧିକାରୀ ବୁଝାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟ୍ରମ୍ପଙ୍କ ବଡ଼ ଘୋଷଣା...

କେବଳ ଦୁଇଟି ଲିଙ୍ଗ ରହିବ ପୁରୁଷ ଏବଂ ମହିଳା। ଟ୍ରମ୍ପ ମଧ୍ୟ ତାଙ୍କ ଅଭିଭାଷଣରେ ବାକ୍ ସ୍ୱାଧୀନତା ବିଷୟରେ କହିଥିଲେ। ଟ୍ରମ୍ପ କହିଥିଲେ ଯେ ମୁଁ କିଛି ଦିନ ପୂର୍ବରୁ ଇଂରାଜୀକୁ ଏକମାତ୍ର ସରକାରୀ ଭାଷା କରିଥିଲି। ମେକ୍ସିକୋ ଉପସାଗରକୁ ଆମେରିକାର ଉପସାଗରରେ ପରିବର୍ତ୍ତନ କରାଯାଇଥିଲା। ଟ୍ରମ୍ପ କହିଥିଲେ ଯେ ଆମେରିକାର ଗତି ଫେରି ଆସିଛି। ଆମର ଆତ୍ମା ଫେରି ଆସିଛି। ଆମର ଗର୍ବ ଫେରି ଆସିଛି। ଆମର ଆତ୍ମବିଶ୍ୱାସ ପୁନରୁଦ୍ଧାର ହୋଇଛି ଏବଂ ଏବେ ଆମେରିକୀୟ ଲୋକମାନେ ସେମାନଙ୍କର ସ୍ୱପ୍ନ ପୂରଣ କରିପାରିବେ। ସେପଟେ ଆମେରିକାର ଟାରିଫକୁ ନେଇ ଚୀନର ଅସନ୍ତୋଷ । ବେଜିଂର ବୈଦେଶିକ ମନ୍ତ୍ରାଳୟର ଏକ ସୋସିଆଲ ମିଡିଆ ପୋଷ୍ଟ ବେଶ ଚର୍ଚ୍ଚା ସାଉଁଟିଛି । କାରଣ ଆମେରିକା ଚୀନ ଉପରେ ୨୦ପ୍ରତିଶତ ଟାରିଫ ଲଗାଯିବା ପରେ ଚୀନ ଏହାର କଡ଼ା ଜବାବ ଦେଇଛି । ଚୀନ କହିଛି ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ବେଜିଂ ପ୍ରସ୍ତୁତ,ତେଣୁ ତାହା ଟାରିଫ,ଟ୍ରେଡ କି କୌଣସି ପ୍ରକାର ଯୁଦ୍ଧ ହେଉନା କାହିଁକି । ବୁଧବାର ଡୋନାଲ୍ଡ ଟ୍ରମ୍ପ ବଡ ଘୋଷଣା କରିଥିଲେ ଓ ଆଉ ଭାରତ ଏବଂ ଚୀନ ଉପରେ ଏପ୍ରିଲ ୨ରୁ ପାରସ୍ପରିକ ଟାରିଫ ଲଗାଯିବାକୁ ନେଇ ଘୋଷଣା କରିଥିଲେ ।

### କିମ୍ସ, ହାଇଟେକ୍ ଓ ସମରେ...

ମେଡିକାଲ କଲେଜ କୋଲକାତା ଇଡିର ୮ଟି ଟିମ୍ ଆଜି ସକାଳୁ ସକାଳୁ ରାଜ୍ୟର ତିନି ଘରୋଇ ମେଡିକାଲ କଲେଜ୍, କିମ୍ସ ହାଇଟେକ୍ ଓ ସମ୍ ରେ ମାରାଥାନ୍ ଯାଞ୍ଚରୁ ବଢ଼ିଲା ଚର୍ଚ୍ଚା। ଆଜି ସକାଳୁ ଏଇସବୁ ଟିମ୍ ରାଉରକେଲା ଓ ଭୁବନେଶ୍ୱରର ହାଇଟେକ୍ ଏବଂ ଭୁବନେଶ୍ୱରର କିମ୍ସ ଓ ସମ୍ ହସ୍ପିଟାଲରେ ଏକକାଳୀନ ଏହି ଯାଞ୍ଚ ଚଳାଇଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଜଓ କୋଟା କେଳେଙ୍କାରୀର ତଦନ୍ତ କରୁଥିବା କୋଲକାତା ଇଡି ହାତରେ ପ୍ରମାଣ ଲାଗିବା ପରେ ଏଇ ସବୁ କଲେଜ ଉପରେ ହୋଇଛି ରେଡ୍। ପ୍ରଥମେ ଜାଣନ୍ତୁ ମେଡିକାଲ ଆଡମିଶନରେ କଣ ଏଇ ଘଜଓ ବା ନନ୍ ରେସିଡେଣ୍ଟ୍ ଇଣ୍ଡିଆନ୍ କୋଟା ଓ କେମିତି ହୋଇପାରେ ସ୍କାମ୍। ବ୍ୟବସ୍ଥା ଅନୁଯାୟୀ, ପ୍ରତି ମେଡିକାଲ କଲେଜରେ ଘଜଓ ପିଲାଙ୍କ ପାଇଁ କୋଟା ଥାଏ। ଯାହାର ଫି ଭାରତୀୟ ଛାତ୍ରଛାତ୍ରୀଙ୍କଠୁ ପ୍ରାୟ ଦୁଇ ଗୁଣା ଅଧିକ। ଉଦାହରଣ ସ୍ୱରୂପ ଏମବିବିଏସରେ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ କଓଓଗଝ ମେଡିକାଲ କଲେଜର ପୂରା କୋର୍ସ ଫି ୮୩ ଲକ୍ଷ ୨୫ ହଜାର ଟଙ୍କା ଥିବାବେଳେ ଏନଆରଆଇ ପିଲାଙ୍କ ପାଇଁ ଏହା ପ୍ରାୟ ୧ କୋଟି ୯୫ ଲକ୍ଷ ଟଙ୍କା। ତେଣୁ ୟାର ଫାଇଦା ନିଅନ୍ତି ପ୍ରାଇଭେଟ୍ କଲେଜ୍, ଘଜଓ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍ ବ୍ଲକ୍ କରି ହୁଏ କୋଟି କୋଟିର ବେପାର। ଏଥିପାଇଁ ସରକାରୀ କଳର ପ୍ରଭାବଶାଳୀଙ୍କୁ ଧରି ନକଲି ଘଜଓ ସାର୍ଟିଫିକେଟ୍ ପ୍ରସ୍ତୁତ ହୁଏ, ଘଜଓ ପିଲାଙ୍କ ବଦଳରେ ୪-୫ ଗୁଣା ଅର୍ଥ ବଳରେ ବିକା ହୁଏ ମେଡିକାଲ୍ ସିଟ୍। ବର୍ଷ ବର୍ଷ ଧରି ଏହିଭଳି ଚାଲି ଆସୁଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୦୧୭ରୁ ୨୦୨୪ ମଧ୍ୟରେ ହୋଇଥିବା ସ୍କାମର ଖୋଳତାଡ଼ କରୁଛି। ପୂର୍ବ ପଶ୍ଚିମବଙ୍ଗରେ ସାମ୍ନାକୁ ଆସିଥିବା ଏନଆରଆଇ ଆଡମିଶନ୍ ଘୋଟାଲାରେ ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସମେତ ଅନେକ ପ୍ରାଇଭେଟ୍ କଲେଜ ଅଧିକାରୀଙ୍କୁ ଗିରଫ କରିଛି ଇଡି। ନିକଟରେ ଗତମାସ ୨୦ ତାରିଖରେ ମଧ୍ୟ ପଶ୍ଚିମବଙ୍ଗର ୬ଟି ସ୍ଥାନରେ ଇଡି ରେଡ୍ କରି ବ୍ୟାପକ କାଗଜପତ୍ର ଜବତ୍ କରିବା ପରେ ଖୋଳତାଡ଼ରୁ ୟାର ଚେର ଓଡ଼ିଶାରେ ବି ପାଇଥିବାର ସୂଚନା ମିଳିଛି। ଯେଉଁ ଆଧାରରେ ଆଜି ହୋଇଛି ମାରାଥନ୍ ରେଡ୍। ନିର୍ଦ୍ଦିଷ୍ଟ ଭାବେ କେଉଁ ଅଭିଯୋଗ ଆଧାରରେ ଏ ରେଡ୍ ହେଉଛି, ସେନେଇ ଇଡି ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇ ନଥିଲେ ହେଁ ଏନଆରଆଇ କୋଟା କେଳେଙ୍କାରୀ ଆଧାରରେ ଏ ରେଡ୍ ଚର୍ଚ୍ଚା ହଇଚଇ ସୃଷ୍ଟି କରିଛି। ଏନେଇ କିମ୍ସ, ହାଇଟେକ୍ ଓ ସମ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ସୁଭଦ୍ରାର ପଞ୍ଚମ ପର୍ଯ୍ୟାୟ...

ଅନ୍ୟ ପଟେ ସୁଭଦ୍ରାରୁ ମହିଳାଙ୍କୁ ସଶକ୍ତ କରି ନିଜ ଭୋଟ ବ୍ୟାଙ୍କ ବି ସଶକ୍ତ କରିବାକୁ ବଡ଼ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ମୋହନ ସରକାର। ବଂଚିତ ହିତାଧିକାରୀଙ୍କୁ ସୁଭଦ୍ରା ଦେବାକୁ ଡୋର୍ ଟୁ ଡୋର୍ ସର୍ଭେ କରିବେ ସରକାର। ଅଧିକାରୀମାନେ ଘରକୁ ଯାଇ ୱାନ ଟୁ ୱାନ ଆଲୋଚନା କରି ରିପୋର୍ଟ ଦେବେ। ୫ଟି ପର୍ଯ୍ୟାୟରେ କୋଟିଏ ହିତାଧିକାରୀଙ୍କୁ ସାମିଲ ପରେ ବି ବଳକା ରହିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା। ମାର୍ଚ୍ଚ ୩୧ ଭିତରେ ଆବେଦନ କରିଥିବା କୌଣସି ଯୋଗ୍ୟ ଆବେଦନକାରୀ ବାଦ୍ ପଡିବେନି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଆସନ୍ତାକାଲି ପଞ୍ଚମ ପର୍ଯ୍ୟାୟରେ ଲକ୍ଷେ ୮୫ ହଜାର ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତି। ଫଳରେ ପାଞ୍ଚଟି ପର୍ଯ୍ୟାୟରେ ମୋଟ ପ୍ରାୟ ୧ କୋଟି ୨୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯିବ। ଏବେ ସୁଭଦ୍ରାରେ ମୋଟ ଆବେଦନ ସଂଖ୍ୟା ୧ କୋଟି ୮ ଲକ୍ଷରେ ପହଞ୍ଚିଛି । ଏବେ ବି ଆବେଦନ ଚାଲିଛି। ମାର୍ଚ୍ଚ ୩୧ରେ ଆବେଦନକୁ ବନ୍ଦ କରି ସର୍ଭେ ଆରମ୍ଭ କରିବେ ସରକାର। ଯେଉଁ ମାନେ ପାଇନାହାନ୍ତି ସେମାନଙ୍କ ଘରକୁ ୱାନ ଟୁ ୱାନ ସର୍ଭେ କରିବେ। ଯେଉଁମାନେ ଯୋଗ୍ୟ ବାହାରିବେ ସେମାନଙ୍କୁ ରାକ୍ଷୀ ପୂର୍ଣ୍ଣିମାରେ ୩ଟି ଯାକ କିସ୍ତି ଏକ ସାଙ୍ଗରେ ମିଳିବ। ସଶକ୍ତ ସୁଭଦ୍ରାରୁ ମହିଳାଙ୍କୁ ନିଜ ସହ ଯୋଡି ହୋଇ ରଖିବାକୁ ଅନ୍ତର୍ଜାତୀୟ ମହିଳା ଦିବସରେ ବଡ଼ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସରକାର। ଆଜିଠୁ ୮ ତାରିଖ ଯାଏଁ ପଞ୍ଚାୟତ ସ୍ତରରେ ଚାଲିବ କାର୍ଯ୍ୟକ୍ରମ। ଆଜି ରାଜ୍ୟରେ ସମସ୍ତ ପଞ୍ଚାୟତ ଏବଂ ସହରାଞ୍ଚଳରେ ଆୟୋଜିତ ହୋଇଛି ସୁଭଦ୍ରା ରାଲି। ଯେଉଁଥିରେ ଏସଏଚଜି ସଦସ୍ୟା, ଅଙ୍ଗନୱାଡି କର୍ମୀ ଏବଂ ଛାତ୍ରୀଙ୍କୁ ସାମିଲ କରାଯାଇଛି। ଏହା ବାଦ୍ ସ୍କୁଲ ଏବଂ କଲେଜରେ ବିଭିନ୍ନ ପ୍ରକାର ଖେଳ, କୁଇଜ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ମଧ୍ୟ ୮ ତାରିଖ ଯାଏଁ ଚାଲିବ। ୨୦୧୨ ପରଠାରୁ ୫ଝିଏ ମାଧ୍ୟମରେ ଏକ ବଡ ଭୋଟ ବ୍ୟାଙ୍କ ତିଆରି କରିଥିଲା ବିଜେଡି। ଯାହାକୁ ନିର୍ବାଚନରେ ମଧ୍ୟ ବ୍ୟବହାର କରୁଥିଲା। ତାକୁ ଭାଙ୍ଗିବାକୁ ବିରୋଧୀ ଦଳରେ ଥିବା ସମୟରୁ ରୀତିମତ ପ୍ରୟାସ କରିଆସୁଛି ବିଜେପି। କ୍ଷମତାକୁ ଆସିବା ପରେ ବାସ୍ତବ କ୍ଷେତ୍ରରେ କେମିତି ମହିଳାଙ୍କୁ ସଶକ୍ତ କରି ନିଜ ପାଖରେ ରଖିବେ ତାର ରୂପରେଖ ପ୍ରସ୍ତୁତ କରି ଆଗକୁ ବଢୁଛନ୍ତି ମୋହନ ସରକାର। ଏପଟେ ବିଜେଡି କହିଛି ମହିଳା ଆମ ସହ ଅଛନ୍ତି। ଆଉ କଂଗ୍ରେସ ମହିଳା ବିରୋଧୀ ଅପରାଧ କଥା ଉଠାଇ ଟାର୍ଗେଟ୍ କରିଛି। ମହିଳାଙ୍କୁ ମୋହନ ସରକାର ସହ ରଖିବାରେ ସୁଭଦ୍ରା କେତେ ସଫଳ ହେଉଛି, ବିଜେପି ମହିଳା ଭୋଟ ବ୍ୟାଙ୍କକୁ କେତେ ସଶକ୍ତ କରୁଛି ତାକୁ ଦେଖିବା ବାକି।

### ବିଜେପି ସରକାର...

କେଉଁଠି ବି ଅବହେଳା କରିନାହୁଁ। ତେଣେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବ। ବିଜୁ ଜୟନ୍ତୀରେ ମୁହଁ ଖୋଲିଲେ ନବୀନ। ଶଙ୍ଖ ଭବନରେ ବିଜେପି ସରକାର ଉପରେ ବର୍ଷିଲେ। ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନକରିବା ନିଷ୍ପତ୍ତିକୁ କଲେ କଡା ସମାଲୋଚନା। ଅଭିଯୋଗ ଆଣିଛନ୍ତି, ବିଜୁଙ୍କ ନାଁ କୁ କାଟିବାକୁ ବିଜେପି ଅପଚେଷ୍ଟା କରୁଛି। ପ୍ରଥମେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାଁ ବଦଳାଇବାକୁ ଚେଷ୍ଟା କଲେ। ପ୍ରବଳ ବିରୋଧ ଯୋଗୁ ସମ୍ଭବ ହେଲାନି। ନିକଟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଗଲା, ମାତ୍ର ଏଯାଏ ଦୋଷୀ ଧରାପଡିନି। ଶୁଣିବାକୁ ମିଳୁଛି ବିଜୁ ପଟ୍ଟନାୟକ ବିମାନ ବନ୍ଦର ନାଁ ପରିବର୍ତ୍ତନ ଲାଗି ସରକାର ଚେଷ୍ଟା କରୁଛନ୍ତି। ଆପଣ ନାଁ ବଦଳାଇ ଦେଇପାରନ୍ତି ମାତ୍ର ବିଜୁ ପ୍ରତି ଥିବା ପ୍ରତିଟି ଓଡ଼ିଆଙ୍କ ଭଲ ପାଇବା ବଦଳାଇ ପାରିବେ ନାହିଁ ବୋଲି ନବୀନ କହିଛନ୍ତି। ଖାଲି ସେତିକି ନୁହେଁ ନବୀନ ପ୍ରଶ୍ନ କରିଛନ୍ତି, ଆପଣ ଯଦି ବିଜୁଙ୍କ ଲିଗାସି କାଟିବାକୁ ଚାହୁଁଛନ୍ତି ତାହାଲେ କଣ ପାରାଦ୍ୱୀପ ବନ୍ଦର, ତାଳଚେର ଏନ୍ଟିପିସି, ଓୟୁଏଟି, ଏନ୍ଆଇଟି ରାଉରକେଲା, ହାଲ୍‌କୁ କାଟିପାରିବେ ? ଏସବୁ ବିଜୁଙ୍କ ଅବଦାନ। ଇତିହାସକୁ କେହି ଲିଭାଇପାରିବେନି। ସେପଟେ ନବୀନଙ୍କ ଏଭଳି ବୟାନ ପରେ ତେଜିଛି ରାଜନୀତି। ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି, ବିଜୁଙ୍କ ପାଇଁ ବିଜେଡି ମନରେ ପାପ। ଲୋକେ ଅନୁଭବ କରିଛନ୍ତି ବିଜୁ ଆଉ ବିଜେଡିର ହୋଇନାହାନ୍ତି। ଯେଉଁଥିପାଇଁ ଲୋକ ବିତୃଷ୍ଣା ହେଲେ, ଆଉ ବିଜେପିକୁ ସରକାରରେ ବସାଇଲେ। କିନ୍ତୁ ବିଧାନସଭାରେ ଆୟୋଜିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ସତ୍ତ୍ୱେ ନବୀନ ନଆସିବା ଉଚିତ ହୋଇନି। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଗଣତନ୍ତ୍ର ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ହତ୍ୟା କରି ବିଜେଡି ଯେଉଁ ପାପ କରିଥିଲା ତାର ଏବେ ପ୍ରାୟଶ୍ଚିତ କରୁଛି। ଇତିହାସକୁ ଆମେ ବଦଳାଉ ନାହୁଁ ବରଂ ସମୀକ୍ଷା କରୁଛୁ। ଆଉ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଆମ ସରକାର ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବ। ମୋହନ ସରକାର ପଞ୍ଚାୟତିରାଜ ଦିବସକୁ ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ ରେ ପାଳନ କରିବେ। କିନ୍ତୁ ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ ଉତ୍ସବକୁ ମହା ଆଡ଼ମ୍ବରରେ ପାଳନ କରୁଛନ୍ତି।

### ବାପା ଡିଜିପି...

ଅଭିନେତ୍ରୀ ରନୟା କାହିଁକି ସନ୍ଦେହ ଘେରକୁ ଆସିଥିଲେ ସେ ସଂପର୍କରେ ମଧ୍ୟ ହୋସ୍ ଉଡାଇଲା ପରି ତଥ୍ୟ ରହିଛି । ଗତ ବର୍ଷକ ମଧ୍ୟରେ ସେ ୧୦ ଥର ଦୁବାଇ ଓ ଆରବ ଦେଶକୁ ଯାଇଥିଲେ । ବାରମ୍ବାର ଏପରି ଯିବାକୁ ନେଇ ତଦନ୍ତକାରୀ ସଂସ୍ଥାର ସ୍କାନରକୁ ଆସିଯାଇଥିଲେ ରନୟା । ଧରାପଡିବା ପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ରନୟା ତାମିଲ ସହ ଅନେକ କନ୍ନଡ ଫିଲ୍ମରେ ଆକ୍ଟିଂ କରିଛନ୍ତି । ତେବେ ଫିଲ୍ମ ମାଣକ୍ୟ ପାଇଁ ବେଶୀ ପରିଚିତ ହୋଇଥିଲେ ରନୟା ।

### ଦକ୍ଷିଣ ଆଫ୍ରିକାକୁ ହରାଇ ...

ଧାରାକୁ ବଜାୟ ରଖିଛି ଦକ୍ଷିଣ ଆଫ୍ରିକା। ଏବେ ମାର୍ଚ୍ଚ ୯ ତାରିଖରେ ଦୁବାଇରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟାଇଟଲ୍ ମୁକାବିଲା ଖେଳାଯିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ରଚିନ ରବୀନ୍ଦ୍ରଙ୍କ ୧୦୮ ରନ ଓ କେନ ୱିଲିୟମସନଙ୍କ ୧୦୨ ରନ ବଳରେ ୬ ୱିକେଟ୍ ହରାଇ ୩୬୨ ରନର ବିଶାଳ ସ୍କୋର କରିଥିଲା। ଡିରେଲ ମିଚେଲ୍ ୪୯ ରନ ଓ ଗ୍ଲେନ ଫିଲିପ୍ସ ୪୯ ରନର ଉପଯୋଗୀ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ହରାଇ ୩୧୨ ରନ କରି ପାରିଛି। ଦଳ ପକ୍ଷରୁ ରସି ଭାନ ଡର ଡସେନ ୬୯ ରନ ଓ ତେମ୍ବା ବାଭୁମା ୫୬ ରନ କରିଥିଲେ। ଡେଭିଡ୍ ମିଲର ଅପରାଜିତ ୧୦୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ମଧ୍ୟ ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ସାଣ୍ଟନର ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବିଧବାଙ୍କୁ ଆଡ଼ଆଖି: ସାମାଜିକ ସୁରକ୍ଷାରୁ ବଂଚିତ ଶାନ୍ତି, ନାନିକା, ଜେମା ଓ ଯମୁନା

ଉଦଳା , ୦୫/୩ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକ ଅନ୍ତର୍ଗତ ମଝିଗଡ଼ିଆ ପଂଚାୟତର ଦୃଶ୍ୟ । ଉକ୍ତ ପଂଚାୟତର ବାଲିଡ଼ାହି ଓ ମହୁଲପଙ୍ଖା ମୋଟ ୨ ଗୋଟି ଗ୍ରାମରେ ବସବାସ କରୁଥିବା ୪ ଜଣ ବିଧବା ମହିଳା ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଅଭିଯୋଗ ଆମର ହସ୍ତଗତ ହୋଇଛି । ଏହି ମହିଳା ମାନେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି । ଖବରନେବାରୁ ବାଲିଡ଼ାହି ଗ୍ରାମର ବାସିନ୍ଦା ବାବୁଲି ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ଆଜକୁ ୨ ବର୍ଷ ଧରି ତାଙ୍କର ସହଧର୍ମିଣି ଶାନ୍ତି ସିଂ ବିଧବା ଜୀବନ ବିତାଉଛନ୍ତି । ସେହିପରି ମହୁଲପଙ୍ଖା ଗ୍ରାମର ବାସିନ୍ଦା ଲାଲମୋହନ ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣି ନାନିକା ସିଂ ଆଜକୁ ୧ବର୍ଷ ଧରି ବିଧବା ଜୀବନ ବିତାଉଛନ୍ତି । ସେହି ମହୁଲପଙ୍ଖା ଗ୍ରାମର ବାସିନ୍ଦା ବାଇଧର ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣି ଜେମା ସିଂ ଆଜକୁ ୫ ବର୍ଷ ଧରି ବିଧବା ଜୀବନ ବିତାଉଛନ୍ତି । ପୁଣି ସେହି ମହୁଲପଙ୍ଖା ଗ୍ରାମର ସୋମନାଥ ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣି ଯମୁନା ସିଂ ଆଜକୁ ୧ ବର୍ଷ ଧରି ବିଧବା ଜୀବନ ବିତାଉଛନ୍ତି । ଉକ୍ତ ୪ଜଣଯାକ ମହିଳା ଆଦିବାସି ଅଟନ୍ତି । ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଥିଲେ ମଧ୍ୟ ଏହିଭଳି ଆଦିବାସି ବିଧବା ମା' ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବା ପାଇଁ ବର୍ଷ ବର୍ଷ ସମୟ ଅପେକ୍ଷା କରିବାକୁ ପଡୁଛି । ଏହା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# ବିବାହର ୫୦ ବର୍ଷ ପୂର୍ତ୍ତିରେ ଉନ୍ମୋଚିତ ହେଲା ଡ. ରମାକାନ୍ତ ନାୟକଙ୍କ ଆତ୍ମଜୀବନୀ 'ଆତ୍ମାର ଚୌହଦୀ'



ବାଲେଶ୍ୱର, ୦୫/୩ (ନି.ପ୍ର): ବାଲେଶ୍ୱର ଜନଜୀବନରେ ସୁପ୍ରତିଷ୍ଠିତ ଲେଖକ ତଥା ସେବାନିବୃତ୍ତ କୃତୀ ପ୍ରାଧ୍ୟାପକ ଏବଂ ସତ୍ୟସାଇ ସଂଗଠନର ନିଷ୍ଠାପର ସଙ୍ଗଠକ, ଡ. ରମାକାନ୍ତ ନାୟକ ତାଙ୍କ ବୈବାହିକ ଜୀବନର ୫୦ବର୍ଷ ପୂର୍ତ୍ତିରେ ତାଙ୍କ ୭୫ବର୍ଷ ଜୀବନକାଳର ଆତ୍ମକଥାକୁ ନେଇ ଲେଖିଥିବା ଆତ୍ମଜୀବନୀ ଗ୍ରନ୍ଥ 'ଆତ୍ମାର ଚୌହଦୀ'ର ଶୁଭ ଉନ୍ମୋଚନ ଗତ ଚାରି ତାରିଖ ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପୁତ୍ରକନ୍ୟାଙ୍କ ପକ୍ଷରୁ ବାଲେଶ୍ୱର ସହରସ୍ଥ ତାମୁଲିଆ ଫାଟକ ନିକଟ ଏଲ୍.ଏନ୍. ପ୍ଲାଜାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶତାଧିକ ଲେଖକ, ବୁଦ୍ଧିଜୀବୀ, ସାଇଭକ୍ତ, ଅଧ୍ୟାପକ ଅଧ୍ୟାପିକା ଏବଂ ତାଙ୍କର ଶତାଧିକ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ଏହି ଗ୍ରନ୍ଥର ଶୁଭଲୋକାର୍ପଣ ଉତ୍ସବ ସହ ଡ. ନାୟକଙ୍କ ବିବାହର ୫୦ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ଡ. ନାୟକଙ୍କ ଶିକ୍ଷାଗୁରୁ ବର୍ଷିୟାନ୍ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏକଦା ନିଜର କୃତୀ ଛାତ୍ର ଥିବା ଡ. ନାୟକଙ୍କ ଆତ୍ମଜୀବନୀକୁ ଉନ୍ମୋନ କରି ଆଶୀର୍ବାଦ ପ୍ରଦାନ କରିଥିଲେ। ଚନ୍ଦ୍ରଭାଗାର ନିର୍ଦ୍ଦେଶକ କବି ଶ୍ରୀଦେବ ମଞ୍ଚ ଆହ୍ୱାନ କରିଥିବାବେଳେ ପୁସ୍ତକର ପ୍ରକାଶକ ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା ପୁସ୍ତକ ସମ୍ପର୍କରେ ପ୍ରକାଶକୀୟ ବକ୍ତବ୍ୟ ରଖି ଏହା ଏକ ସଫଳ ଆତ୍ମଜୀବନୀ ଗ୍ରନ୍ଥ ବୋଲି କହିଥିଲେ। ପୁସ୍ତକର ଆଲୋକ ଭାବେ ଯୋଗଦେଇ ଡ. ଶିରୀଷ ଚନ୍ଦ୍ର ଜେନା ତାଙ୍କ ଅଗ୍ରଜ ଡ. ନାୟକଙ୍କ ଲିଖିତ ଜୀବନୀ ଗ୍ରନ୍ଥଟି ପାଠକଲେ ଅନେକଙ୍କୁ ଜୀବନଯାତ୍ରାରେ ପ୍ରଚ୍ଛନ୍ନ ପ୍ରେରଣା ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଡ. ନଟବର ପାଣିଗ୍ରହୀ ଡ. ନାୟକଙ୍କ ବହୁମୁଖୀ ପ୍ରତିଭାର ଆଲୋକପାତ କରିଥିଲାବେଳେ ଲେଖକ ଡ. ନାୟକ ଭାବବିହ୍ୱଳ ହୋଇ ନିଜର କୃତଜ୍ଞତା ସମସ୍ତଙ୍କୁ ଜଣାଇ ଆଜିର ମୁହୂର୍ତ୍ତ ମୋର ଆତ୍ମାର ଅବର୍ଣ୍ଣନୀୟ ପୁଲକ ବୋଲି କହିଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲାବେଳେ ତାଙ୍କର ଏକମାତ୍ର ପୁତ୍ର ପ୍ରୟାସ ପୁରୁଷୋତ୍ତମ, ପୁତ୍ରବଧୂ ତନ୍ମୟା ଶିବଦର୍ଶିନୀ, କନ୍ୟା ଲୋପାମୁଦ୍ରା, ବର୍ଣ୍ଣମାଳା, ଅରୁଣିମା, ସ୍ମରଣିକା, ସ୍ୱାଗତିକା ଏବଂ ଜ୍ୱାଇଁ ବିଶ୍ୱମ୍ଭର, ଦୀପ୍ତେନ୍ଦୁ, ଶାରଦାପ୍ରସନ୍ନ, ହିମାଂଶୁ, ଉମାକାନ୍ତଙ୍କ ସମେତ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ଉଭୟେ ଡ. ରମାକାନ୍ତ ନାୟକ ଓ ଶ୍ରୀମତୀ ଗୀତାରାଣୀ ନାୟକ ତାଙ୍କ ପଚାଶବର୍ଷର ବିବାହତିଥିରେ ଉଭୟେ ଉଭୟଙ୍କୁ ମାଳାବରଣ କରିଥିଲେ। ଶହଶହ ବ୍ୟକ୍ତି ପୁଷ୍ପଗୁଚ୍ଛ, ଉପଢୌକନ ଓ ପ୍ରଶସ୍ତିପତ୍ର ପ୍ରଭୃତି ଉପହାର ଦେଇ ସେମାନଙ୍କ ଭବିଷ୍ୟତ ଜୀବନର ସୁଖଶାନ୍ତି କାମନା କରିଥିଲେ।

# ଲଙ୍ଗଳେଶ୍ୱରଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ



ଲଙ୍ଗଳେଶ୍ୱର/ବାଲିଆପାଳ , ୦୫/୩ (ନି.ପ୍ର): ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ରାଜ୍ୟସ୍ତରରୁ ଆରମ୍ଭ କରି, ନିର୍ବାଚନମଣ୍ଡଳୀ, ପୌରାଞ୍ଚଳ ଏବଂ ପଞ୍ଚାୟତ ସ୍ତରରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନମଣ୍ଡଳୀ ପକ୍ଷରୁ ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ଏକ ସାଧାରଣ ସଭା ଓ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁ ଙ୍କ ଅବଦାନ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦାନ କରି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଜୁ ବାବୁ ଥିଲେ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା। ତାଙ୍କର ପରାକ୍ରମ, ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବଳିଷ୍ଠ ଅବଦାନ, ନାରୀ ସଶକ୍ତିକରଣ ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ ତେଣୁ ଏକ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ବୋଲି ବିଧାୟିକା ଶ୍ରୀମତୀ ଜେନା କହିଥିଲେ । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ଆଧୁନିକ ଓଡ଼ିଶାର ନିର୍ମାଣ ବିଜୁ ବାବୁଙ୍କ ବିନା କଳ୍ପନା କରାଯାଇପାରେନା । ବିଜୁ ବାବୁ ଯେଉଁ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିଥିଲେ ପରବର୍ତ୍ତୀ ଅବସ୍ଥାରେ ନବୀନ ପଟ୍ଟନାୟକ ତାକୁ ଆହୁରି ଆଗକୁ ନେଇ ଉଚ୍ଚ ଶିଖରରେ ପହଞ୍ଚିଥିଲେ ତେଣୁ ସେହି ମହାନ ଜଣ ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଦଳୀୟ କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ସୁଜାତା ରାଣୀ ଦଣ୍ଡପାଟ, ବରିଷ୍ଠ ନେତା ଚକ୍ରଧର ଗିରି,ସୁବ୍ରତ କୁମାର ପଣ୍ଡା, ମହେଶ୍ୱର ଜେନା,ପ୍ରଦୀପ ବିଶ୍ୱାଳ, ଜୟ ପ୍ରକାଶ ବେହେରା, ଅଞ୍ଜନ ଦଣ୍ଡପାଟ, ଅଜୟ କୁମାର ସାମଲ,ଅଜୟ କୁମାର ପାତ୍ର,ପୂର୍ଣ୍ଣ ଚନ୍ଦ୍ର ଜେନା,ସୁଶାନ୍ତ ଗିରି, ମୃତ୍ୟୁଞ୍ଜୟ ନାୟକ, ଭଗବାନ ଗିରି,ପ୍ରଫୁଲ୍ଲ ପାତ୍ର,ମନ୍ମଥ ଗିରି, କମଳଲୋଚନ କର,ହରେକୃଷ୍ଣ ଜେନା, ସନ୍ତୋଷ କୁମାର ଗିରି, ମନ୍ମଥ ବାରିକ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇ ସ୍ୱର୍ଗତ ବିଜୁ ବାବୁ ଙ୍କ ସ୍ମୃତିଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବସ୍ତା ଏବଂ ବାଲିଆପାଳ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ସଦସ୍ୟ ସଦସ୍ୟା ଏବଂ ବିଜୁ ପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ସୁଭଦ୍ରା ଯୋଜନାର ସଚେତନତା ନିମନ୍ତେ ଅଙ୍ଗନୱାଡ଼ି କର୍ମୀ ଓ ଏସଏଚଜି ଦ୍ୱାରା ଫ୍ଲାଗମାର୍ଚ୍ଚ



ବସ୍ତା , ୦୫/୩ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ବ୍ଲକ ସମ୍ମନୟ ଶିଶୁ ବିକାଶ ବିଭାଗ ତତ୍ୱାବଧାନରେ ବସ୍ତା ବ୍ଲକ ସମସ୍ତ ପଞ୍ଚାୟତରେ ସୁଭଦ୍ରା ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ବୁଧବାର ଅଙ୍ଗନୱାଡ଼ି କର୍ମୀ ଓ ଏସଏଚଜି ଗ୍ରୁପ ନଟାକଟା ପଞ୍ଚାୟତ ପରିସରରୁ ଏକ ରାଲିରେ ବାହାରି ଅମର୍ଦାରୋଡ ବଜାର ପ୍ରର୍ଯ୍ୟନ୍ତ ଫାକ୍ସମାର୍ଚ୍ଚ କରିବା ଓ ଗାଁ ପରିକ୍ରମା କରିବା ସଙ୍ଗେ ସଙ୍ଗେ ସଂଗୀତ ମାଧ୍ୟମ ରେ ଛକ ଛକ ମାନଙ୍କରେ ସୁଭଦ୍ରା ଯୋଜନାର ସଚେତନତା କରାଯାଇଥିଲା। ସୁଭଦ୍ରା ଯୋଜନାର ସଚେତନତା କାର୍ଯ୍ୟ କ୍ରମରେ ବହୁ ଅଙ୍ଗନୱାଡ଼ି କର୍ମୀ,ଏସଏଚଜି ଗ୍ରୁପର ମହିଳା ଯୋଗ ଦେଇ ଥିବା ବେଳେ ସୁପରଭାଇ ଜର ସ୍ନେହ ଲତା ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା



ବାଲିଆପାଳ, ୦୫/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ କୁଣ୍ଡଳୀ ପଞ୍ଚାୟତର ଶଙ୍ଖୁଆ ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସର ରେ ଶିକ୍ଷକ ଅସିତ ଜେନାଙ୍କ ସଭାପତିତ୍ୱରେ ବୁଧବାର ପୂର୍ବାହ୍ନ ୧୧ ଟାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ସାମନ୍ତରାୟଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ମହେଶ୍ୱର ଜେନା ଯୋଗଦେଇ ପ୍ରଧାନ ଶିକ୍ଷକ ଙ୍କର ସମୟାଅନୁବର୍ତ୍ତିତା, ଛାତ୍ର ବତ୍ସଳ,ଏକାତାର ପ୍ରତିକ ଭାବରେ ନିଜର ପରିଚୟ ସୃଷ୍ଟି କରିବାସହିତ, ଛାତ୍ରଛାତ୍ରୀ,ସହୋଯୋଗୀ ଏବଂ ଗ୍ରାମବାସୀ ଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସମବାୟବିତ୍ ଅଜୟ କୁମାର ସାମଲ ଦଳମତ ନିର୍ବିଶେଷରେ ଶ୍ରୀ ସାମନ୍ତରାୟ ଜଣେ ଆଦର୍ଶ ଶିକ୍ଷକ ରୂପେ କ୍ଷତିଅଜନ କରିପାରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ର ସମ୍ପାଦକ ଆଦିତ୍ୟ କୁମାର ରାଉତ, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପଣ୍ଡା, ସମାଜସେବୀ ନିତ୍ୟାନନ୍ଦ କର, ପରିଚାଳନା କମିଟି ର ସଭାପତି ପ୍ରଦିପ କୁମାର ତ୍ରିପାଠୀ , ପୂର୍ବତନ କମିଟି ର ସଭାପତି ସଞ୍ଜୟ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ଶ୍ରୀ ସାମନ୍ତରାୟ ଙ୍କ ର ଦୀର୍ଘ ୩୫ ବର୍ଷ ଶିକ୍ଷକତା ବିଷୟରେ ମତବ୍ୟକ୍ତ କରିବା ସହିତ ଅବଶିଷ୍ଟ ଜୀବନ ଯୋଗ ଦେଇଥିଲେ। ଶିକ୍ଷକ ସୁଶାନ୍ତ କୁମାର ସାହୁ ଅତିଥି ପରିଚୟ କରିଥିଲା ବେଳେ ଶିକ୍ଷକ ଶିବ ନାରାୟଣ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରାଯାଇଥିଲା।

# ପାରାଦୀପ ନଗର ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



ପାରାଦୀପ, ୫/୩ : ପ୍ରବାଦ ପୁରୁଷ, ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ପାରାଦୀପ ନଗର ବିଜେଡି ପକ୍ଷରୁ ପାଳିତ ହୋଇଛି । ଏହି ଅବସରରେ ଅଠରବାଙ୍କୀ ବିଜୁ ଉଦ୍ୟାନ ପରିସରରେ ଆୟୋଜିତ ସଭାରେ ପୌରହିତ୍ୟ କରିଥିଲେ ନଗର ବିଜେଡି ସଭାପତି ତଥା ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଯୋଗ ଦେଇ ସ୍ୱର୍ଗତ ବିଜୁ ବାବୁଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ନଗର ବିଜେଡି ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ । କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ, ଉପସଭାପତି ବିଶ୍ୱନାଥ ବଳ,ପାରିଷଦ ଅଜିତ ଷଡଙ୍ଗୀ, ନବ କୁମାର ବେହେରା,ସୁଶାନ୍ତ ଦାସ, ସରୋଜିନୀ ସାହୁ, ସ୍ୱପ୍ନାରାଣୀ ଜେନା, ସୌଦାମିନୀ ସାହୁ, ପୂର୍ବତନ ପାରିଷଦ ମନୋଜ ବେହେରା, ଅଜୟ ନାୟକ, ଶ୍ରମିକ ନେତା ବିଭୂଦେନ୍ଦ୍ର ନାରାୟାଣ ମହାରଣା,ଅନନ୍ତ ଜେନା, ଗୋଲେଖ ସାହୁ ପ୍ରମୁଖ ବିଜୁ ବାବୁଙ୍କ ଜୀବନୀ ଯୁବକମାନଙ୍କ ପାଇଁ ପ୍ରେରଣା ଦାୟୀ ହେବ ବୋଲି କହିଥିଲେ । ବିଜୁ ଜନତା ଦଳର କର୍ମୀ ଓ ବିଜୁ ପ୍ରେମୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତିର୍ମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ



ବହସାହି, ୦୫/୩ (ନି.ପ୍ର): ବଡସାହି ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ବ୍ଲକ୍ ସଭାପତି ତପନ କୁମାର ପତିଙ୍କ ସଭାପତିତ୍ୱରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମକର୍ତାମାନେ ମାଲ୍ୟାର୍ପଣ କରିଥିଲେ । ମାତ୍ର ଚଳିତ ବର୍ଷ ନୂତନ ସରକାର ଏହି ଦିନରେ ପାଳନ ହୋଇ ଆସୁଥିବା ପଂଚାୟତ ରାଜ ଦିବସକୁ ନେଇ ମଧ୍ୟ ରାଜନିତୀ କରିବାକୁ ପଛାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ସରକାର ଓଡିଆ ଅସ୍ମିତା ନାମରେ ଡିଣ୍ଡିମ ପିଟୁଥିବା ବେଳେ, ଏହି ପଦକ୍ଷେପ ଗ୍ରହଣ କରି ଓଡିଶାର ଗୌରବକୁ କ୍ଷୁର୍ଣ୍ଣ କରିଛନ୍ତି । ବିଜୁ ବାବୁଙ୍କ କୃତିତ୍ୱ ମଳିନ କରିବାକୁ ଯେଉଁ ଅପଚେଷ୍ଟା କରାଯାଇଛି । ଦେଶକୁ ମାର୍ଗ ଦେଖାଇଥିବା ବିଜୁ ପଟ୍ଟନାୟକଙ୍କ ପ୍ରତି ଯେଉଁ ଏତେ ବଡ ଅବିଚାର କରାଯାଇଛି । ତାହା କୋଟି କୋଟି ଓଡିଆଙ୍କ ହୃଦୟକୁ ଆଘାତ ଦେଇଛି ବୋଲି ଉପସ୍ଥିତ ନେତା ମାନେ ବକ୍ତବ୍ୟ ରଖିଥିଲେ । ତାହା ଆଗାମର ଦିନରେ ନିଶ୍ଚୟ ପ୍ରତିଫଳନ ହେବ ବୋଲି ଦୃଢକ୍ତି ପ୍ରକାଶ ପାଇଥିଲା । ଏହି ଅବସରରେ କର୍ମକର୍ତାମାନେ ବଡସାହି ଜଗନ୍ନାଥ ମନ୍ଦିରରୁ ଡାକ୍ତରଖାନା ପର୍ଯ୍ୟନ୍ତ ଚାଲି ଚାଲି ଯାଇ ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ । ଏହି ସମୟରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନୀରେ ସାରା ବଜାର ପ୍ରକମ୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ୍ ଉପାଧକ୍ଷ୍ୟ କାଂଚନ ପ୍ରଧାନ, ଜିଲ୍ଲା ପରିଷଦ ସୁବାସିନୀ ନାଏକ, ମହିଳା ସଭାପତି ଲକ୍ଷ୍ମୀ ସିଂ, ପୂର୍ବତନ ସରପଂଚ ପାନ ହେମ୍ବ୍ରମ, ବ୍ଲକ୍ ରିଟର୍ଣ୍ଣିଂ ଅଫିସର ବିଶ୍ୱଜିତ ଦାସ, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଯୁବ ସଭାପତି ନିହାର ରଂଜନ ମହାପାତ୍ର, ନିର୍ବାଚନମଣ୍ଡଳୀ ଯୁବ ସଭାପତି ରାକେଶ ମହାପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି ଦୀପକ ସାହୁ ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମନୋରଂଜନ ଲେଙ୍କା, ଦିଲ୍ଲିପ ପାତ୍ର, ତାରିଣୀ କୁଅଁରବାବୁ, ଅଶୋକ ଖିଲାର, ନବୀନ ମହାନ୍ତ, ସଂଜୀବ ମହାନ୍ତ, ଶ୍ରୀକାନ୍ତ ବେହେରା,ମନୋରଂଜନ ପାଣିଗ୍ରାହୀ ଓ ଦିଲ୍ଲିପ ବେହେରା ପ୍ରମୁଖ ସକ୍ରିୟ କାର୍ଯ୍ୟକର୍ତା ସହଯୋଗ କରିଛନ୍ତି । ଏଥିରେ ସମସ୍ତ ପଂଚାୟତର ଯୁବ, ଛାତ୍ର ଓ ବରିଷ୍ଠ କର୍ମୀ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ ।

# ଉତ୍ତମ ମହାନ୍ତିଙ୍କୁ ଅଭିରାମ ଅଭିନୟ ଅନୁଷ୍ଠାନର ଶ୍ରଦ୍ଧାଞ୍ଜଳି



ବାରିପଦା, ୦୫/୩ (ନି.ପ୍ର): ଆଜି ଅପରାହ୍ନ ୩ ଟା ୩୦ ମିନିଟରେ ପୁରୁଣା ହାଟ ସାହି ସ୍ଥିତ ଅଭିରାମ ଅଭିନୟ ଅନୁଷ୍ଠାନ ଆନୁକୂଲ୍ୟରେ ରେ କାଳଜୟୀ ଅଭିନେତା , କିମ୍ବଦନ୍ତୀ କଳାକାର ଉତ୍ତମ ମହାନ୍ତି ଙ୍କ ଦୁଃଖଦ ବିୟୋଗ ରେ ଡ଼କ୍ଟର ବିଜୟ କୁମାର ଅଗ୍ରୱାଲ ଙ୍କ ସଭାପତିତ୍ୱ ରେ ଏକ ଅନନ୍ୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଚଳଚ୍ଚିତ୍ର ଜଗତ ର ବିଶିଷ୍ଟ ଲେଖକ, ଅଭିନେତା, ନିର୍ଦ୍ଦେଶକ ଶ୍ରୀ ଚିନ୍ମୟ ଦାସପଟ୍ଟନାୟକ, ଉତ୍ତମ ମହାନ୍ତି ଙ୍କ କୃତିତ୍ୱ ର ସ୍ମୃତିଚାରଣ କରିବା ସଂଗେସଂଗେ ଉତ୍ତମ ମହାନ୍ତି ଙ୍କ ଅମର ଆତ୍ମା ର ସଦ୍ ଗତି ନିମନ୍ତେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭା ରେ ବହୁ ଉତ୍ତମ ପ୍ରେମୀ, ଶିକ୍ଷାବିତ୍, ଡାକ୍ତର, ଇଞ୍ଜିନିୟର, ଅଫିସର,ନେତା, ଅଭିନେତା, ବୁଦ୍ଧିଜୀବୀ ଉପସ୍ଥିତ ରହି ଉତ୍ତମ ମହାନ୍ତି ଙ୍କର ଜୀବନ ବୃତାନ୍ତ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ... ମୟୁରଭଞ୍ଜ ର ମଉଡମଣୀ ନିଖୋଜ ହେଇଗଲେ ବୋଲି ମତପ୍ରକାଶ କରିଥିଲେ। ସଭା ରେ ଉପସ୍ଥିତ ଥିଲେ - ପ୍ରାକ୍ତନ ସି.ଡି.ଏମ୍.ଓ. ଡ଼କ୍ଟର କୈଳାଶ ଚନ୍ଦ୍ର ମହାନ୍ତି, ମୟୁରଭଞ୍ଜ ସାମ୍ବାଦିକ ସଂଘ ର ସଭାପତି ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରିପୋଷି ର ଅଧକ୍ଷା ଡ଼କ୍ଟର ପୁଷ୍ପରାଣୀ ପାତ୍ର,ବରିଷ୍ଠ କଳାକାର ସୁଧୀର ମହାନ୍ତି , ସୁଧୀର ନାଯକ, ସୁନାମଧନ୍ୟା କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, ଶାନ୍ତନୁ ପାଢ଼ୀ ,ପ୍ରଣତି ଦାସ, ରଜନୀ ବାରିକ, ରଶ୍ମିରେଖା, ସୂର୍ଯ୍ୟସ୍ନାତା, ଗାନ୍ଧିକା ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି, ନାଟ୍ୟକାର ଗୋକୁଳ ଚନ୍ଦ୍ର ଦାସ, ପ୍ରଦୀପ ପାଣିଗ୍ରାହୀ, ଅରୁଣ କୁମାର ପାତ୍ର, ପ୍ରଦୀପ କିଶୋର ମହାନ୍ତି , ରାଜୀବ ପାତ୍ର, ଶିବଶଙ୍କର ବାରିକ, ଗୀତିକାର ଅନିଲ ପଟ୍ଟନାୟକ, ଚକ୍ରଧର ମହାପାତ୍ର, କ୍ଷେତ୍ରମୋହନ ପଣ୍ଡା, କୁମାର ସୌରଭ ପଣ୍ଡା, ରାହୁଲ କୁମାର, ଲିଟନ ପଟ୍ଟନାୟକ, ସୁଜୟ ମହାନ୍ତି, ମୁନା ମୋଦି, ବାସୁଦେବ ବେହେରା, ଲମ୍ବୋଦର ରଣା, ଜ୍ଞାନରଞ୍ଜନ ପଣ୍ଡା, ବ୍ରିଜେନ୍ଦ୍ର ରାଉତ , କୁନ୍ଦନଲାଲ ଭଞ୍ଜ , ସତ୍ୟନାରାୟଣ ଦାସ, ପ୍ରସନ୍ନ ମହାନ୍ତି, ସନ୍ତୋଷ ନାୟକ, ସୁଜିତ ନାଥ, ନଳିନୀ ମହାନ୍ତି , କଲ୍ୟାଣ ସିହ୍ନା , ସୁକାନ୍ତ କୁମାର ଜୀଉ , ସୋମନାଥ ସିଂ ଇତ୍ୟାଦି ବାରିପଦା ବାସି ସମସ୍ତେ ଉତ୍ତମ ମହାନ୍ତି ଓରଫ କୁନିଆ ଙ୍କର ଉଦାରପଣ, ନିଛକ ବାରିପଦିଆ ଗୁଣ ଓ ସର୍ବୋପରି ପ୍ରଚଣ୍ଡ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଉତ୍ତମ ଙ୍କୁ ପଦ୍ମଶ୍ରୀ ପାଇଁ ଭାରତ ସରକାରଙ୍କ ଠାରେ ନିବେଦନ କରିବା ପ୍ରସଙ୍ଗ ଉଠାଯାଇଥିବା ବେଳେ ଅଭିରାମ ଅଭିନୟ ଅନୁଷ୍ଠାନ ର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ ଉତ୍ତମ ମହାନ୍ତି ଙ୍କର ଜୀବନ ବୃତାନ୍ତ ଉପରେ ଏକ୍ ବାୟୋପିକ ଚଳଚ୍ଚିତ୍ର ନିର୍ମାଣ କରିବାର ପ୍ରସ୍ତାବ ରଖିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ନେତା ଓ ଅଭିନେତା ଶ୍ରୀ ଲମ୍ବୋଦର ସିଂ।

# ହିମାଚଳପ୍ରଦେଶର ବିଭିନ୍ନ ସହରରେ ମାଇନସରେ ପାରା: ପୁଣି ବରଫପାତ

ଶିମଲା, ୦୫/୩ : ହିମାଚଳପ୍ରଦେଶରେ ପାଞ୍ଚ ଦିନ ବର୍ଷା ବରଫପାତ ପରେ ମଙ୍ଗଳବାର ପାଗ ସମ୍ପୂର୍ଣ୍ଣ ସଫା ରହିଛି । କିନ୍ତୁ ସକାଳେ ଥଣ୍ଡାରୁ ରକ୍ଷା ମିଳିନାହିଁ। ରାଜ୍ୟର ଅଧା ଡର୍ଜନ ସହରରେ ସର୍ବନିମ୍ନ ତାପମାତ୍ରା ମାଇନସରେ ରେକର୍ଡ କରାଯାଇଛି ଯେଉଁଥିପାଇଁ ଥଣ୍ଡାର ପ୍ରକୋପ ଜାରି ରହିଛି ।ଲାହୌଲ -ସ୍ପିତିର କୁକୁମସେରୀ -୧୨.୫ ଡିଗ୍ରୀ ସେଲସିୟସ ସହିତ ସବୁଠାରୁ ଥଣ୍ଡା ଥିଲା। ଏହି ଜିଲ୍ଲାର କେଲଙ୍ଗରେ ସର୍ବନିମ୍ନ ତାପମାତ୍ରା -୧୧ ଡିଗ୍ରୀ ,ତାବୋରେ -୧୦.୨ ଡିଗ୍ରୀ ,କିନ୍ନୌରର କଳ୍ପାରେ -୪.୯ ଡିଗ୍ରୀଏବଂ ମନାଲୀରେ -୦.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ମୟୂର ରାଷ୍ଟ୍ରୀୟ ସେବାସଂଘର କର୍ମକର୍ତ୍ତା ନିର୍ବାଚନ



ବେତନଟୀ , ୦୫/୩ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ତେନ୍ତୁଳିଡାଙ୍ଗୀ ଠାରେ ମୟୂର ରାଷ୍ଟ୍ରିୟ ସେବା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଗୁରୁଜୀ ଗାର୍ଡେନ ଏଣ୍ଡ ରିସର୍ଚ୍ଚ କେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଉପଦେଷ୍ଟା ପୁରୁଷୋତ୍ତମ ପଣ୍ଡା ଓ ଆଇନଜୀବୀ ସୁବୋଧ କୁମାର ଦାଶ ପରିଚାଳନା କରିଥିଲେ । ଏଥିରେ ସଭାପତି ରୂପେ ମାୟାଧର ଆଚାର୍ଯ୍ୟ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓ ସଂପାଦକ ଭାବେ ସୁଶାନ୍ତ କୁମାର ଲେଙ୍କା, ସହସଂପାଦକ ସୀମଲ ମାଝୀଙ୍କ ସହ କୋଷାଧ୍ୟକ୍ଷ ଭାବେ ରତିକାନ୍ତ ପାତ୍ରଙ୍କ ସମେତ ୧୮ ଜଣ ସଦସ୍ୟ, ସଦସ୍ୟାଗଣ ନିର୍ବାଚିତ ହୋଇଥିଲେ । ତତ୍ପରେ ନବନିର୍ବାଚିତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଗଣ ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida